## ସଂକ୍ଷେପରେ

### ମିଳିଲା ଦୁଇ ନିଖୋଜ ବ୍ୟକ୍ତିଙ୍କ ମୃତଦେହ

**ବାଲେଶ୍ୱର ଅଫିସ,୨୪।୧୨:** ବାଲେଶ୍ୱର ଜିଲା ବଳରାମଗଡ଼ିସ୍ଥିତ ସାମୁଦ୍ରିକ ଥାନା ଅନ୍ତର୍ଗତ ବୁଢ଼ାବଳଙ୍ଗ ମୁହାଣରୁ ମଙ୍ଗଳବାର ପୂର୍ବାହ୍ନରେ ଦୁଇ ମୃତଦେହ ଉଦ୍ଧାର ହୋଇଛି। ସାମୁଦ୍ରିକ ଥାନା ପୋଲିସ ପହଞ୍ଚି ଶବକୁ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଗତ ଡିସେମ୍ବର ୧୯ ତାରିଖରେ ବଳରାମଗଡ଼ିରୁ ସଦର ଥାନା ପରିକ୍ଷୀ ଗ୍ରାମର ପଣ୍ଡା ସିଂ (୫୫) ଓ ବାସୁଦେବପୁର ପଡୁଆ ଅଞ୍ଚଳର ଜୟାନନ୍ଦ ଦାସ (୩୬) ଟ୍ରଲର ଯୋଗେ ମାଛ ଧରିବାକୁ ଯାଇଥିଲେ। କୌଣସି କାରଣରୁ ସମୁଦ୍ର ଗର୍ଭରେ ଖସି ପଡ଼ିଥିବାବେଳେ ଦୁହେଁ ନିଖୋଜ ଥିଲେ। ମଙ୍ଗଳବାର ସେମାନଙ୍କ ମୃତଦେହ ମିଳିବା ପରେ ବଳରାମଗଡ଼ି ସାମୁଦ୍ରିକ ଥାନାରେ ଅପମୃତ୍ୟୁ ମାମଲା (ନଂ. ୬ ଓ ୭/୧୯) ରୁଜୁ କରାଯାଇ ତଦନ୍ତ ଜାରି ରହିଥିବାର ପୋଲିସ ସୂତ୍ରରୁ ପ୍ରକାଶ।

### ରେମୁଣାରେ ଆନ୍ତଃ ଜିଲା କ୍ୟାରମ୍ ଟୁର୍ଣ୍ଣାମେଣ୍ଟ

**ରେମୁଣା, ୨୪।୧୨(ଡି.ଏନ.ଏ.):** ରେମୁଣାରେ ଆନ୍ତଃ ଜିଲା ମହେନ୍ଦ୍ର ନାଥ ମହାରଣା ସ୍ମାରକୀ ଦୁଇ ଦିନିଆ କ୍ୟାରମ୍ ଟୁର୍ଣ୍ଣାମେଣ୍ଟ 'ରେମୁଣା କ୍ୟାରମ୍ ଆଣ୍ଡ ଚେସ୍ ଆସୋସିଏଶନ୍' ଆନୁକୂଲ୍ୟରେ ମହାବୀର କ୍ଲବ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର ଜିଲା ସମେତ ୬୪ଟି ଦଳ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନ ପକ୍ଷରୁ ସମସ୍ତ ଖେଳାଳିଙ୍କୁ ଖେଳର ନୀତିନିୟମ ସମ୍ପର୍କରେ ଅବଗତ କରାଯିବା ପରେ ଖେଳ ଆରମ୍ଭ ହୋଇଥିଲା। ଆସୋସିଏଶନ ସଭାପତି ଅରଜିତ ଘୋଷାଲ, ସାଧାରଣ ସମ୍ପାଦକ ଅରୁଣ କୁମାର ମହାରଣାଙ୍କ ନେତୃତ୍ୱରେ ଆୟୋଜିତ ଟୁର୍ଣ୍ଣାମେଣ୍ଟକୁ ଆଇନଜୀବୀ ମାୟାଧର ମହାରଣା ଉଦ୍‌ଘାଟନ କରିଥିଲେ। ଯୋଗେନ୍ଦ୍ର ନାଥ ମାହାର୍ଣ୍ଣା, ସତ୍ୟନାରାୟଣ ପାଢ଼ୀ, ପ୍ରଶାନ୍ତ ଦାସ, ମଳୟ ସୁନ୍ଦର ସାହୁ, ସମରଜିତ ମହାରଣା, ଦିଗ୍‌ବିଜୟ ମିଶ୍ର, ତ୍ରିଲୋଚନ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ବଡ଼ଦିନ ଉପଲକ୍ଷେ ତାଳସାରୀ ବେଳାଭୂମିରେ ପର୍ଯ୍ୟଟକମାନେ ଭିଡ ଜମାଇଛନ୍ତି।

# ବଡ଼ଦିନ ଉପଲକ୍ଷେ ବେଳାଭୂମିରେ ପର୍ଯ୍ୟଟକଙ୍କ ଭିଡ଼

**ଭୋଗରାଇ,୨୪।୧୨(ଡି.ଏନ.ଏ.)**

ବଡ଼ଦିନ ଉପଲକ୍ଷେ ବାଲେଶ୍ୱର ଜିଲା ଭୋଗରାଇର ଉଦୟପୁର, ତାଳସାରୀ, ବିଚିତ୍ରପୁର ସହ ବାଲିଆପାଳର ଚୌମୁଖ, ଡଗରା ଓ ଚାନ୍ଦିପୁର ସମୁଦ୍ର ବେଳାଭୂମି ଉତ୍ସବମୁଖର ହୋଇଉଠିଛି। ଭୋଗରାଇ ସୀମାନ୍ତ ଦୀଘା, ଶଙ୍କରପୁର, ତାଜପୁର ଓ ମନ୍ଦାରମଣିରେ ମଧ୍ୟ ଅସଂଖ୍ୟ ପର୍ଯ୍ୟଟକଙ୍କ ଭିଡ଼ ଜମିଛି। ଦୀଘାରେ ସହସ୍ରାଧିକ ହୋଟେଲ, ତାଳସାରୀ ଓଟିଡ଼ିସି ସହ ବିଭିନ୍ନ ପାର୍କରେ ବିଦ୍ୟୁତ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯାଇଛି। ଦୂରଦୂରାନ୍ତରୁ ବହୁ ପର୍ଯ୍ୟଟକ ଦୀଘା, ଉଦୟପୁର, ତାଳସାରୀ ବେଳାଭୂମିର ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ସମୁଦ୍ରରେ ଗାଧୋଇବାର ମଜା ନେଇଛନ୍ତି। ଝାଉଁ ଜଙ୍ଗଲରେ ପର୍ଯ୍ୟଟକମାନେ ଦଳ ଦଳ ହୋଇ ଭୋଜିଭାତର ଆସର ଜମାଇଛନ୍ତି। ଦୀଘାରେ ଅମରାବତୀ ପାର୍କ, ବିଜ୍ଞାନକେନ୍ଦ୍ର, ବିଶ୍ୱ ବାଣିଜ୍ୟ କେନ୍ଦ୍ର ସହ ବିଭିନ୍ନ ସ୍ଥାନରେ ଥିବା ଦର୍ଶନୀୟ ସ୍ଥାନକୁ ପର୍ଯ୍ୟଟକମାନେ ବୁଲି ଦେଖିଛନ୍ତି। ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମହାଦେବଙ୍କଠାରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଚନ୍ଦନେଶ୍ୱର, ତାଳସାରୀ, ଉଦୟପୁର, ଦୀଘାର ସମସ୍ତ ରାସ୍ତାରେ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

## କୁପାରୀ ହାଇସ୍କୁଲର ବାର୍ଷିକ ଉତ୍ସବ
# ଦର୍ଶକଙ୍କୁ ବାନ୍ଧି ରଖିଲା ସାଂସ୍କୃତିକ କାର୍ଯ୍ୟକ୍ରମ

**ଖଇରା, ୨୪।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ସରକାରୀ ହାଇସ୍କୁଲ ପରିସରରେ ସୋମବାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ କରୁଣାକର ମହାନ୍ତି ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ମାଡ ବଦଳରେ ପିଲାମାନଙ୍କୁ ସ୍ନେହ ଆଦର କଲେ ପିଲାମାନଙ୍କର ବିକାଶ ହୋଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଧରଣୀଧର ପାତ୍ର, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ, ସମିତିସଭ୍ୟା ସୁନୀତା ସାହୁ, ଜିଲା ପରିଷଦ ସଭ୍ୟା କଳ୍ପନା ନାଇକ, ଓଷ୍ଟା ସଭାପତି ଦୀନବନ୍ଧୁ ଦାଶ, ସମ୍ପାଦକ ଷଡାନନ ପାଣିଗ୍ରାହୀ, ଏବିଇଓ ସୁଦର୍ଶନ ରାଉତ, ପରିଚାଳନା କମିଟି ସଭାପତି କୁନା ନାୟକ, ସିଆରସିସି ରଘୁନାଥ ଦଳେଇ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଆରତି ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ସକାଳେ ସରପଞ୍ଚ ଭବଜ୍ୟୋସ୍ନା ନାୟକ ପତାକା ଉତ୍ତୋଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାଲେଶ୍ୱରର ଏକ ଘରୋଇ ସ୍କୁଲ ଅଧ୍ୟକ୍ଷ ସୁଧାଂଶୁ ପଣ୍ଡା ଉଦ୍‌ଘାଟନ କରିଥିଲେ। ପିଲାମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା।



ନୂତନ ମାର୍କେଟ କମ୍ପ୍ଲେକ୍ସ ଶିଳାନ୍ୟାସ ଅବସରରେ ଉପସ୍ଥିତ ସଦର ବିଧାୟକ ଓ ଅନ୍ୟମାନେ।

# ଉନ୍ନୟନ ପ୍ରକଳ୍ପ ଶିଳାନ୍ୟାସ

**ବାଲେଶ୍ୱର ଅଫିସ/ରୂପସା, ୨୪।୧୨**

ବାଲେଶ୍ୱର ସଦର ବିଧାୟକ ମଦନମୋହନ ଦତ୍ତ ଗତ ଶନିବାର ସଦର ବ୍ଲକ ଅନ୍ତର୍ଗତ ୨୯ନଂ. ଜୋନ୍‌ରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି। ପ୍ରଥମେ ବିଧାୟକ ଛାନୁଆ ଓ ଦୁବଲାଗଡ଼ି ପଞ୍ଚାୟତର ୪ଟି ସ୍ଥାନରେ ନୂତନ ବିଦ୍ୟୁତ୍ ସବ୍‌ଷ୍ଟେସନର ଲୋକାର୍ପଣ କରଥିଲେ। ଏହାଦ୍ୱାରା ୨ଟି ପଞ୍ଚାୟତର ବିଦ୍ୟୁତ ଶକ୍ତି ସଙ୍କଟ ଦୂର ହେବା ସହ ଅନେକ ସାଧାରଣ ଲୋକ ଏଥିରୁ ଉପକୃତ ହେବେ। ସେହିପରି ବାହାବଳପୁରଠାରେ ୧୦ଲକ୍ଷ ଟଙ୍କାର ଏକ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀକୁ ଏକ ଆଦର୍ଶ ନିର୍ବାଚନ ମଣ୍ଡଳୀ ରୂପେ ଗଢ଼ି ତୋଳିବା ପାଇଁ ଦଳ ମତ ନିର୍ବିଶେଷରେ ସମସ୍ତେ ଅଞ୍ଚଳର ବିକାଶକୁ ପ୍ରାଧାନ୍ୟ ଦେଇ କାମ କରିବା ପାଇଁ ବିଧାୟକ ଅନୁରୋଧ କରିଛନ୍ତି।

ଏହି କାର୍ଯ୍ୟକ୍ରମଗୁଡ଼ିକରେ ଜିଲାପରିଷଦ ସଭ୍ୟା ସୁମତୀ ନାୟକ, ମଣ୍ଡଳ ସଭାପତି ବିଜୟ ଦାସ, ମଣ୍ଡଳ ପ୍ରଭାରୀ ଲୋକନାଥ ଭୂୟାଁ, ବାହାବଳପୁର ସରପଞ୍ଚ ରଶ୍ମିତା ମଣ୍ଡଳ, ରାମ ଦ୍ୱିବେଦୀ, ସୁରେଶ ମାନ୍ନା, ବଂଶୀଧର ପାତ୍ର, ଅନନ୍ତ ନାୟକ, ଭାଗ୍ୟଧର ବେହେରା ଓ ସେକ୍ ଆକବରଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଓ ଜିଲା ପ୍ରବକ୍ତା ଗୌରାଙ୍ଗ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ରଙ୍ଗୋଲି, ମେହେନ୍ଦି ପ୍ରତିଯୋଗିତା

**ବାଲେଶ୍ୱର ଅଫିସ, ୨୪।୧୨**

ବାଲେଶ୍ୱର ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ମଧ୍ୟରେ ମଙ୍ଗଳବାର ପୂର୍ବାହ୍ନ ୯ଟାରୁ ୧୧ଟା ପର୍ଯ୍ୟନ୍ତ ରଙ୍ଗୋଲି ଏବଂ ମେହେନ୍ଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାରେ ୧ଶହରୁ ଊର୍ଦ୍ଧ୍ୱ ଛାତ୍ରୀ ଅଂଶଗ୍ରହଣ କରିଥିଲେ।

ମହାବିଦ୍ୟାଳୟ ଅଧ୍ୟକ୍ଷ ପର୍ଶୁରାମ ଜେନା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପିକା ସଲମା ସୋରେନ୍, ମନସ୍ୱିନୀ ବେହେରା, ସୁଲୋଚନା ସିଂ, ଡ. ତପସ୍ୱିନୀ ନାୟକ, ସୁଶ୍ରୀ ସରିତା ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅଧ୍ୟାପକ ଡ. ସନ୍ତୋଷ କୁମାର ରାଉତ, ଡ. ଭାଗବତ ଭୂୟାଁ, ମୁଖ୍ୟ କିରାଣି ବଳରାମ ନାଏକ, ଆକାଉଣ୍ଟାଣ୍ଟ ପ୍ରଦୀପ କୁମାର ଶତପଥୀ, କନିଷ୍ଠ କିରାଣି ନିରଞ୍ଜନ ତ୍ରିୟା, କର୍ମଚାରୀ ବୁଦ୍ଧଦେବ ରାଉତ ଏବଂ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ।



ମେହେନ୍ଦି ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀମାନେ।

## ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା
# ହତ୍ୟା ଅଭିଯୋଗ ଆଣିଲେ ତାଙ୍କ ମା'

**ବସ୍ତା, ୨୪।୧୨(ସ୍ୱ.ପ୍ର.):** ବସ୍ତା ଥାନା ପଣ୍ଡୁରୁଙ୍ଗି ଗ୍ରାମର ଜଣେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ତାଙ୍କୁ ଯୌତୁକ ନିର୍ଯାତନା ପାଇଁ ହତ୍ୟା କରାଯାଇଥିବା ତାଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ଗ୍ରାମର ଅର୍ପିତା ରାଉଳ(୨୪) ମଙ୍ଗଳବାର ବିଷ ପିଇ ଗୁରୁତର ହୋଇପଡିଥିଲେ। ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ବସ୍ତା ଡାକ୍ତରଖାନାରେ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାତ୍ର ଅର୍ପିତାଙ୍କ ମୃତ୍ୟୁ ପରେ ତାଙ୍କ ମା' ହତ୍ୟା କରାଯାଇଥିବା ନେଇ ବସ୍ତା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୪୩୪/୧୯) ରୁଜୁ କରି ମୃତ ମହିଳାଙ୍କ ସ୍ୱାମୀଙ୍କ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି।

# ଛିନ୍‌ତାଇ ମାମଲା: ଦୋଷୀ ସାବ୍ୟସ୍ତ ହେବା ପରେ ପ୍ରୋବେଶନ ଆକ୍ଟରେ ଅଭିଯୁକ୍ତ ଖଲାସ

**ବାଲେଶ୍ୱର ଅଫିସ,୨୪।୧୨**

ବାଲେଶ୍ୱର ଜିଲା ଏସ୍‌ଡିଜେଏମ୍ ମୋନାଲିସା ପଟ୍ଟନାୟକ ମଙ୍ଗଳବାର ଏକ ଆକ୍ରମଣ କରି ଛିନ୍‌ତାଇ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୩୪୧ ଓ ୩୨୩ ଧାରାରେ ଦଣ୍ଡିତ କରିଥିଲେ ମଧ୍ୟ ପ୍ରୋବେଶନ ଆକ୍ଟ ଆଧାରରେ ଅଭିଯୁକ୍ତଙ୍କୁ ଖଲାସ ଲାଗି ନିର୍ଦ୍ଦେଶ ଦେଇଛନ୍ତି।

ଗତ ୨୦୦୮ ଅକ୍ଟୋବର ୧୪ତାରିଖରେ ସହଦେବଖୁଣ୍ଟା ଥାନା ଅଧୀନ ଆନନ୍ଦବଜାର ଛକ ନିକଟରେ ରାଜେନ୍ଦ୍ର ସାହୁ ଯାଉଥିବା ବେଳେ ଟାଉନ୍ ଥାନା ନୂଆବଜାର ଅଞ୍ଚଳର ସନ୍ନ୍ୟାସୀ ତରେଇ ଏକ କାଚ ବୋତଲରେ ଆକ୍ରମଣ କରି ୧୨ଶହ ଟଙ୍କା ଲୁଟ୍ କରିଥିଲେ। ରାଜେନ୍ଦ୍ରଙ୍କ ଅଭିଯୋଗ ଅନୁଯାୟୀ ସହଦେବଖୁଣ୍ଟା ଥାନାରେ ମାମଲା (ନଂ. ୫୭୧/୦୮) ରୁଜୁ କରାଯାଇ ଏସ୍‌ଡ଼ିଜେଏମ୍ କୋର୍ଟରେ ବିଚାରାଧୀନ ଥିଲା। ମଙ୍ଗଳବାର ଏସ୍‌ଡିଜେଏମ୍ ମୋନାଲିସା ପଟ୍ଟନାୟକ ସମସ୍ତ ସାକ୍ଷ୍ୟ ଓ ଦସ୍ତାବିଜର ପ୍ରମାଣ ସହ ଅଭିଯୁକ୍ତଙ୍କୁ ୩୪୧ ଓ ୩୨୩ ଧାରାରେ ଦଣ୍ଡିତ କରିଥିଲେ। କିନ୍ତୁ ସନ୍ନ୍ୟାସୀ ଜଣେ ପେସାଦାର ଚୋର ହୋଇ ନ ଥିବା ଏବଂ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବା ବେଳେ ସେ ଜେଲ ଗଲେ ପରିବାର ଲୋକଙ୍କ ଭରଣପୋଷଣରେ ଅସୁବିଧା ହେବା କାରଣ ଦର୍ଶାଇ ତାଙ୍କର ଦଣ୍ଡକୁ କୋହଳ କରିବାକୁ ଆବେଦନ କରାଯାଇଥିଲା। ପ୍ରୋବେଶନ ଆକ୍ଟ ଅନୁଯାୟୀ ଏହି ଆବେଦନକୁ ଗ୍ରହଣ କରାଯାଇ ସନ୍ନ୍ୟାସୀଙ୍କ ପୂର୍ବ ୫ବର୍ଷର କାର୍ଯ୍ୟକଳାପକୁ ତଦନ୍ତ କରାଯାଇଥିଲା। ତଦନ୍ତ ରିପୋର୍ଟକୁ ଆଧାର କରି ବିଚାରପତି ତାଙ୍କୁ ଖଲାସ କରିବାକୁ ନିର୍ଦ୍ଦେଶ ଦେଇ ପରିବର୍ତ୍ତନ ଲାଗି ସୁଯୋଗ ଦେଇଛନ୍ତି। ଉକ୍ତ ମାମଲାକୁ ସରକାରଙ୍କ ତରଫରୁ ଆଇନ୍‌ଜୀବୀ ଗାୟତ୍ରୀ ଦାସ ମାମଲା ପରିଚାଳନା କରୁଥିଲେ।

# ମହିଳାଙ୍କ ଆତ୍ମହତ୍ୟା

**ସୋର, ୨୪।୧୨(ଡି.ଏନ.ଏ.)**

ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ କମାଣପୁର ଗ୍ରାମର ଧରଣୀଧର ପାଢ଼ୀଙ୍କ ପତ୍ନୀ ସ୍ୱର୍ଣ୍ଣଲତା ପାଢ଼ୀ (୩୮) ଶୋଇବା ଘରେ ଫ୍ୟାନ୍‌ରେ ଲୁଗା ବାନ୍ଧି ମଙ୍ଗଳବାର ମଧ୍ୟାହ୍ନରେ ଆତ୍ମହତ୍ୟା କରିଛନ୍ତି। ଘରୋଇ କଳହକୁ କେନ୍ଦ୍ର କରି ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। ସୋର ପୋଲିସ ଶବ ଜବତ କରି ସୋର ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି। ଏନେଇ ସୋର ଥାନାରେ ମାମଲା (ନଂ. ୧୦୦।/୧୯) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

**ଚିକିତ୍ସାରେ ଅବହେଳାରୁ ପ୍ରସୂତିଙ୍କର ମୃତ୍ୟୁ ଅଭିଯୋଗ**
# ନର୍ସିଂହୋମ୍ ସମ୍ମୁଖରେ ଧାରଣା

**ସୋର, ୨୪।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋରସ୍ଥିତ ଏକ ଘରୋଇ ନର୍ସିଂହୋମରେ ଚିକିତ୍ସାରେ ଅବହେଳା ଯୋଗୁ ଜଣେ ପ୍ରସୂତିଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହି ମୃତ୍ୟୁକୁ କେନ୍ଦ୍ର କରି ପ୍ରସୂତିଙ୍କ ପରିବାର ଲୋକେ ସୋମବାର ବିଳମ୍ବିତ ରାତିରେ ନର୍ସିଂହୋମ୍ ସମ୍ମୁଖରେ ଧାରଣା ଦେଇଥିଲେ। ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସୋର ଥାନାଧିକାରୀ ଶ୍ରୀବଲ୍ଲଭ ସାହୁ ପହଞ୍ଚି ହସ୍ତକ୍ଷେପ ପରେ ଧାରଣା ହଟିଥିଲା। ମଙ୍ଗଳବାର ସନ୍ଧ୍ୟାରେ ଏଥିନେଇ ସମାଧାନ କରାଯିବାର ପ୍ରତିଶ୍ରୁତି ପରେ ଉତ୍ତେଜନା ଥମିଥିଲା।

ଔପଦା ଥାନା ବାଙ୍ଗୁରା ଗ୍ରାମର ତାପସ ଭୂୟାଁଙ୍କ ପତ୍ନୀ ନମିତା ଭୂୟାଁ (୨୧) ପ୍ରସବ ପାଇଁ ସୋମବାର ନର୍ସିଂହୋମ୍‌ରେ ଭର୍ତ୍ତି ହୋଇଥିଲେ। ମଧ୍ୟାହ୍ନରେ ନମିତାଙ୍କଠାରୁ ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ନର୍ସିଂହୋମ୍‌ରେ ଚିକିତ୍ସା ସତ୍ତ୍ୱେ ରକ୍ତସ୍ରାବ ବନ୍ଦ ନ ହେବାରୁ ପ୍ରସୂତିଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯିବା ପାଇଁ କୁହାଯାଇଥିଲା। ପରିବାର ତରଫରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ପରେ ପ୍ରସୂତିଙ୍କ ଅବସ୍ଥା ଗୁରୁତର ହୋଇପଡିଥିଲା। ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ତେବେ କଟକ ବଡ଼ ଡାକ୍ତରଖାନାକୁ ନେବା ବାଟରେ ପାଣିକୋଇଲିଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରସୂତିଙ୍କ ପରିବାର ଲୋକେ କଟକ ବଡ଼ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଇ ସୋମବାର ବିଳମ୍ବିତ ରାତିରେ ଉକ୍ତ ନର୍ସିଂହୋମ୍‌ଠାରେ ପହଞ୍ଚିଥିଲେ। ସେଠାରେ ମୃତଦେହ ରଖି କ୍ଷତିପୂରଣ ଦାବି କରି ଧାରଣା ଦେଇଥିଲେ।

# 'ପଲ୍ଲିଶ୍ରୀ ମେଳା ଓ ଏକ୍ସପୋ ଓଡ଼ିଶା' ଉଦ୍‌ଘାଟିତ

**ବାଲେଶ୍ୱର ଅଫିସ, ୨୪।୧୨**

ବାଲେଶ୍ୱର ଆଇଟିଆଇ ପଡ଼ିଆରେ ଜାତୀୟସ୍ତରୀୟ ଶିଳ୍ପ ଏବଂ ବାଣିଜ୍ୟ ମେଳା 'ପଲ୍ଲିଶ୍ରୀ ମେଳା ଓ ଏକ୍ସପୋ ଓଡ଼ିଶା' ମଙ୍ଗଳବାର ସନ୍ଧ୍ୟାରେ କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏଭଳି ମିଳିତ ବାଣିଜ୍ୟ ମହାକୁମ୍ଭ ଆୟୋଜନ ଦ୍ୱାରା ଶିଳ୍ପ, କୁଟୀରଶିଳ୍ପ, ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ସମୃଦ୍ଧ ହୋଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି।

ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବାଲେଶ୍ୱର ଶିଳ୍ପ ଓ ବାଣିଜ୍ୟ ସଂଘର ସଭାପତି ହିମାଂଶୁ ଦାସ ସ୍ୱାଗତ ଭାଷଣ ଦେଇଥିଲେ। କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମଉଦ୍ୟୋଗର ଅତିରିକ୍ତ ନିର୍ଦ୍ଦେଶକ ଡ. ଏସ୍.କେ. ସାହୁ ଅତିଥି ପରିଚୟ ପ୍ରଦାନ କରି ମେଳାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସଦର ବିଧାୟକ ମଦନ ମୋହନ ଦତ୍ତ ଓ ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ ଅତିଥି ଭାବେ ଯୋଗଦେଇ ଉକ୍ତ ବାଣିଜ୍ୟ ମେଳା ରାଜ୍ୟର ପ୍ରମୁଖ ମେଳା ମଧ୍ୟରେ ଅନ୍ୟତମ ବୋଲି ମତ ରଖିବା ସହ କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ ପାଇଁ ଲୋକମାନଙ୍କ ଆଗ୍ରହ ସୃଷ୍ଟିରେ ସହାୟକ ହେବ ବୋଲି କହିଥିଲେ। ଜିଲା କ୍ଷୁଦ୍ର ଶିଳ୍ପ ସଂଘର ସଭାପତି ବିବେକରାଜ ବାଜପେୟୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ ବିଭାଗ, ଜିଲା ପ୍ରଶାସନ, ପଞ୍ଚାୟତିରାଜ ବିଭାଗ ଓ ପାନୀୟ ଜଳ ବିଭାଗ (ଓରମାସ), ବାଲେଶ୍ୱର ଶିଳ୍ପ ଓ ବାଣିଜ୍ୟ ସଂଘ, ଜିଲା କ୍ଷୁଦ୍ର ଶିଳ୍ପ ସଂଘ ମିଳିତ ସହଯୋଗରେ ଆରମ୍ଭ ହୋଇଥିବା ଏହି ମେଳା ଆସନ୍ତା ୨୯ ତାରିଖରେ ଉଦ୍‌ଯାପିତ ହେବ। ମେଳାରେ କୁଟୀରଶିଳ୍ପଠାରୁ ଆରମ୍ଭ କରି ବଡ଼ଶିଳ୍ପଗୁଡ଼ିକ ସେମାନଙ୍କର ଷ୍ଟଲ୍ ଲଗାଇଛନ୍ତି। ଗୋଟିଏ ସ୍ଥାନରେ ପ୍ରାୟ ସବୁପ୍ରକାର ଦ୍ରବ୍ୟ ମିଳୁଥିବାରୁ ଭିଡ ପରିଲକ୍ଷିତ ହେଉଛି। ଓରମାସର ୧୪୦ଷ୍ଟଲ୍ ସ୍ଥାନ ପାଇଛି। ଦେଶର ବିଭିନ୍ନ ବିଭାଗରୁ ୪୦୩ଟି ଅନ୍ୟାନ୍ୟ ବିଭାଗର ଷ୍ଟଲ୍ ରହିଛି। ଏହି ଅବସରରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବଲିଉଡ୍ ଓ ଓଲିଉଡ୍‌ର ତାରକାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କାର୍ଯ୍ୟକ୍ରମ ରହିଛି।




ମଞ୍ଚାସୀନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ସୁକାନ୍ତ ନାୟକ, ସଦର ବିଧାୟକ ମଦନମୋହନ ଦତ୍ତ ଓ ଅନ୍ୟ ଅତିଥି।

# ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା: ଶୁଭମ୍, ଆଦିତ୍ୟ ଚାମ୍ପିୟନ

**ବାଲେଶ୍ୱର ଅଫିସ,୨୪।୧୨**

ବାଲେଶ୍ୱର ଏକ ଘରୋଇ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ କୁଇଜ ପ୍ରତିଯୋଗିତାରେ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ଯୁକ୍ତ ୨ ପ୍ରଥମବର୍ଷ ବିଜ୍ଞାନ ଛାତ୍ର ଶୁଭମ୍ ଏସ୍ ଦାସ ଓ ଯୁକ୍ତ ୨ ପ୍ରଥମବର୍ଷ କଳା ଛାତ୍ର ଆଦିତ୍ୟ ପ୍ରହରାଜ ପ୍ରଥମ ସ୍ଥାନ ହାସଲ କରି ଚାମ୍ପିୟନ ହୋଇଛନ୍ତି। ସେମାନଙ୍କୁ ସ୍କୁଲ କର୍ତ୍ତୃପକ୍ଷ ଚାମ୍ପିୟନ ଟ୍ରଫି, ମାନପତ୍ର ଓ ୬ହଜାର ଟଙ୍କା ଦେଇ ପୁରସ୍କୃତ କରିଛନ୍ତି। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ କନିଷ୍ଠ ମହାବିଦ୍ୟାଳୟରୁ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

ମହାବିଦ୍ୟାଳୟ ଅଧ୍ୟକ୍ଷ ପର୍ଶୁରାମ ଜେନା ଉକ୍ତ ଦୁଇ ଛାତ୍ରଙ୍କୁ ସୋମବାର ସମ୍ବର୍ଦ୍ଧିତ କରିଛନ୍ତି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ସନ୍ତୋଷ କୁମାର ରାଉତ, ଡ. ଭାଗବତ ଭୂୟାଁ, ଶୁଭକାନ୍ତ ସେଠୀ, ଅଧ୍ୟାପିକା ଡ. ମିନତୀ ମହାନ୍ତି, ସଲମା ସୋରେନ୍, ମନସ୍ୱିନୀ ବେହେରା, ଅଞ୍ଜନା ବେହେରା, ସୁଶ୍ରୀ ସରିତା ପରିଡ଼ା ପ୍ରମୁଖଙ୍କ ସହିତ କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଯୋଗଦେଇ ଉକ୍ତ ଦୁଇ ଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ମଙ୍ଗଳ କାମନା କରିଛନ୍ତି।



ମହାବିଦ୍ୟାଳୟ ପରିସରରେ ଦୁଇ ଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ଜାତୀୟ ଖାଉଟି ସଚେତନତା କର୍ମଶାଳା

**ରେମୁଣା,୨୪।୧୨(ଡି.ଏନ.ଏ.):** ଜାତୀୟ ଖାଉଟି ଦିବସ ଉପଲକ୍ଷେ ସ୍ୱେଚ୍ଛାସେବୀ ସଙ୍ଗଠନ ବସ୍ତି ଅଞ୍ଚଳ ଉନ୍ନୟନ ପରିଷଦ (ବିଏଡିସି) ପକ୍ଷରୁ ରେମୁଣା ଜୁନିୟର କଲେଜରେ ଖାଉଟି ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଖାଉଟି ଅଦାଲତର ପୂର୍ବତନ ସଭାପତି ସୁକୁମାର ରଣା, ମୁଖ୍ୟବକ୍ତା ଶିଶୁ ମଙ୍ଗଳ କମିଟିର ପୂର୍ବତନ ସଭ୍ୟ ପ୍ରିୟରଞ୍ଜନ ମହାନ୍ତି, ବିଏଡିସିର ସମ୍ପାଦକ ଗୋପାଳକୃଷ୍ଣ କର ଖାଉଟି ଦିବସର ଉଦ୍ଦେଶ୍ୟ, ଖାଉଟିଙ୍କ ପାଇଁ ରହିଥିବା ଆଇନ ଆଦି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। କର୍ମଶାଳାରେ କଲେଜ ଅଧ୍ୟକ୍ଷ ହରିଶ୍ଚନ୍ଦ୍ର ବାଗ୍ ଅଧ୍ୟକ୍ଷତା କରିଥିବା ବେଳେ ଅଧ୍ୟାପିକା ପୂର୍ଣ୍ଣିମାରାଣୀ ବାରିକ ଧନ୍ୟବାଦ ଦେଇଥିଲେ। ଆଲୋଚନାରେ କଲେଜ ଛାତ୍ରଛାତ୍ରୀ, ଅଙ୍ଗନୱାଡ଼ି ଓ ଆଶା କର୍ମୀ ଯୋଗଦେଇଥିଲେ। ଖାଉଟି ସଚେତନତା ଆଧାରିତ ସୂଚନା, ଆଇନ ଓ ଖାଉଟି ଅଦାଲତ ସମ୍ପର୍କିତ ପୁସ୍ତିକା ବଣ୍ଟନ କରାଯାଇଥିଲା।

## 'ହଳଦୀପଦା ଷ୍ଟେଶନ ସ୍ୱଚ୍ଛ ଭାରତ ମିଶନରେ ସାମିଲ ହେଉ'
# ଡିଆର୍‌ଏମ୍‌ଙ୍କୁ ପ୍ରଗତି ମଞ୍ଚର ଦାବିପତ୍ର

**ରୂପ୍‌ସା,୨୪।୧୨(ଡି.ଏନ.ଏ.)**

ଦକ୍ଷିଣପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବାଲେଶ୍ୱର ଜିଲାର ହଳଦୀପଦା ରେଳଷ୍ଟେଶନକୁ ସ୍ୱଚ୍ଛ ଭାରତ ମିଶନରେ ଅନ୍ତର୍ଭୁକ୍ତ କରାଯିବାକୁ ଦାବି ହୋଇଛି। ଏ ସମ୍ପର୍କରେ ହଳଦୀପଦା ପ୍ରଗତି ମଞ୍ଚର ସଭାପତି ରବୀନ୍ଦ୍ର ନାଥ ମହାନ୍ତି, ଉପସଭାପତି ବୃହସ୍ପତି ଦାଶ, ସମ୍ପାଦକ ବୀରେନ୍ଦ୍ର କୁମାର ନନ୍ଦ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ଜେନା, କୋଷାଧ୍ୟକ୍ଷ ଚୈତନ୍ୟ ପ୍ରସାଦ ସାହୁ, କର୍ମକର୍ତ୍ତା ଅଜୟ କୁମାର ସେଠୀ, ମଧୁସୂଦନ ସାହୁ, ସୀତାରାମ ଦାସ, ମାର୍କଣ୍ଡ ବେହେରା ପ୍ରମୁଖ ଡିଭିଜନାଲ ରେଲୱେ ମ୍ୟାନେଜର (ଡିଆର୍‌ଏମ୍)ଙ୍କୁ ସୋମବାର ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଷ୍ଟେଶନର ଉନ୍ନତୀକରଣ ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଥିଲେ ହେଁ ଯାତ୍ରୀଙ୍କ ସୁବିଧା ପାଇଁ ବହୁ ଅଭାବ ଅସୁବିଧା ରହିଥିବା ଅଭିଯୋଗ ହୋଇଛି। ଠିକାଦାରଙ୍କ ଅବହେଳା ଯୋଗୁ ଏଯାବତ ଷ୍ଟେଶନରେ ବଗିଚା ନିର୍ମାଣ ନ ହେବା, ଷ୍ଟେଶନର ଉତ୍ତର ଓ ଦକ୍ଷିଣ ପାର୍ଶ୍ୱରେ ବାଡ଼ ନ ଥିବାରୁ ଗୋରୁଗାଈ, ଛେଳି ଅବାଧରେ ପ୍ରବେଶ କରି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା, ଲାଗିଥିବା ନେମ୍‌ପ୍ଲେଟରେ ଷ୍ଟେଶନର ନାମ ଲେଖା ନ ଯିବା, ମୁଖ୍ୟ ପ୍ରବେଶ ପଥରେ ହାଇମାଷ୍ଟ ଲାଇଟ୍ ଲଗା ନ ଯିବା, ବର ଅଶ୍ୱତ୍ଥ ଗଛ ଉଠି ଷ୍ଟେଶନ କାନ୍ଥ ଓ ଛାତରେ ଫାଟ ସୃଷ୍ଟି ହୋଇ ନଷ୍ଟ ହେବା, ସମ୍ମୁଖ ଦ୍ୱାରରେ ପାନୀୟଜଳ ବ୍ୟବସ୍ଥା ନ କରାଯିବା ଆଦି ଦାବି ପୂରଣ ଦିଗରେ ମଞ୍ଚର କର୍ମକର୍ତ୍ତା ଡିଆର୍‌ଏମ୍‌ଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସମସ୍ୟାର ସମାଧାନ ସହ ଷ୍ଟେଶନକୁ ସ୍ୱଚ୍ଛ ଭାରତ ମିଶନରେ ଅନ୍ତର୍ଭୁକ୍ତ କରି ସାମଗ୍ରିକ ବିକାଶ ପାଇଁ ପ୍ରଗତି ମଞ୍ଚ ପକ୍ଷରୁ ଡିଆର୍‌ଏମ୍‌ଙ୍କ ସମେତ ବାଲେଶ୍ୱର ଜିଲାପାଳଙ୍କୁ ଅବଗତ କରାଯାଇଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ଆହତ ଦିବ୍ୟାଙ୍ଗଙ୍କ ମୃତ୍ୟୁ

ହାଟଡିହୀ,୨୪।୧୨(ଡି.ଏନ.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅନ୍ତର୍ଗତ ଅଣା ଛକ ନିକଟରେ ଏକ ହାଇୱା ଧକ୍କାରେ ଗତ ସୋମବାର ସାସଙ୍ଗ ଗ୍ରାମର ବୈକୁଣ୍ଠ ପାତ୍ର(୫୪) ଗୁରୁତର ହୋଇ କଟକ ମେଡିକାଲରେ ଚିକିତ୍ସାଧୀନ ଥିବାବେଳେ ତାଙ୍କର ମଙ୍ଗଳବାର ମୃତ୍ୟୁ ଘଟିଛି । ତାଙ୍କ ହାତ ଭାଙ୍ଗି ଯାଇଥିଲା ବେଳେ ମୁଣ୍ଡ ଓ ଛାତିରେ ଆଘାତ ଲାଗିଥିଲା। ପୋଲିସ୍ ପହଞ୍ଚି ଗାଡିଟିକୁ ଜବତ କରିବା ସହ ଏକ ମାମଲା (ନଂ. ୧୨୯/୨୦୧୯) ରୁଜୁ କରି ତଦନ୍ତ କରି ଡ୍ରାଇଭରଙ୍କୁ ଗିରଫ କରିଛି। ଗିରଫ ଡ୍ରାଇଭର ହେଉଛନ୍ତି ଭଦ୍ରକ ଜିଲା ତିହିଡି ଥାନା ବୁଡଙ୍ଗ ଗ୍ରାମର ନିରାକାର ଜେନା । ହାଇୱାଟି ଭଦ୍ରକ ଅଞ୍ଚଳର। ବୈକୁଣ ଦିବ୍ୟାଙ୍ଗ ହୋଇଥିଲେ ମଧ ଗାଁ ଗାଁ ବୁଲି ନିମିକି ଓ ପାଲୁଅ ଲଡୁ ବିକି ପରିବାର ପୋଷୁଥିଲେ। ସାସଙ୍ଗ ଗ୍ରାମବାସୀ ମାନେ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସରକାରୀ ସହାୟତା ତୁରନ୍ତ ପ୍ରଦାନ କରାଯିବ ବୋଲି ସ୍ଥାନୀୟ ପ୍ରଶାସନ ତରଫରୁ ସୂଚନା ମିଳିଛି ।

### ତାଲା ଭାଙ୍ଗି ଲୁଟିନେଲେ ମଦ, ନଗଦ ଟଙ୍କା

ଯୋଡ଼ା, ୨୪।୧୨(ଡି.ଏନ.ଏ.)- କେନ୍ଦୁଝର ଜିଲା ଯୋଡା ସହରର ମହାବୀର ଛକ ନିକଟରେ ଥିବା ଏକ ମଦ ଦୋକାନରୁ ରବିବାର ରାତିରେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଗ୍ରୀଲ୍ ତାଡି ନଗଦ ଟଙ୍କା, ବିଦେଶୀ ମଦ ଓ ସିସି ଟିଭି କ୍ୟାମେରାରା ହାର୍ଡଡିକ୍ସ ଚୋରି କରିନେଇଥିବା ଯୋଡା ଥାନାରେ ଅଭିଯୋଗ ହୋଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ରବିବାର ରାତି ପ୍ରାୟ ସାଢେ ୧୦ ଟା ସମୟରେ ମଦ ଦୋକାନର କର୍ମଚାରୀ ଅଶୋକ ପ୍ରସାଦ କେଶରୀ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ପରଦିନ ଅର୍ଥାତ ସୋମବାର ଉକ୍ତ ମଦ ଦୋକାନ ନିକଟରେ ଦୋକାନ ଦେଇଥିବା ଅନ୍ୟ ଜଣେ ବ୍ୟବସାୟୀ ମଦ ଦୋକାନର ତାଲା ଭଙ୍ଗା ଯାଇଥିବା ନେଇ ସମ୍ପୃକ୍ତ ଦୋକାନ କର୍ମଚାରୀଙ୍କୁ ଫୋନ ଯୋଗେ ଜଣାଇଥିଲେ। ସେ ଆସି ଦୋକାନର ତାଲା ଭାଙ୍ଗି ଗ୍ରିଲ ତଡାଯାଇଥିବା ଦେଖିବାକୁ ପାଇଥିଲେ। ଉକ୍ତ ଦୋକାନରୁ ଦୁର୍ବୃତ୍ତମାନେ ନାମୀଦାମୀ ବ୍ରାଣ୍ଡର ମଦ ଓ ନଗଦ ୩୦ ହଜାର ଟଙ୍କା ଓ ସିସିଟିଭି କ୍ୟାମେରାର ହାର୍ଡଡିକ୍ସ ଚୋରି କରିନେଇଥିବା ସେ ଯୋଡା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଏକ ମାମଲା (ନଂ.୨୨୭/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

### ଭାଲୁ କାମୁଡ଼ାରେ ଯୁବକ ଗୁରୁତର

ତେଲକୋଇ, ୨୪।୧୨ ଡିଏନଏ- ତେଲକୋଇ ବନାଞ୍ଚଳ ଅଧୀନ ଆକୁଳ ପଞ୍ଚାୟତ ବନବିହାରୀ ପୁର (ନୂଆଗାଁ)ର ଜଣେ ଯୁବକ ଭାଲୁ କାମୁଡାରେ ଗୁରୁତର ହୋଇଛନ୍ତି । ଗୁରୁତର ଜଣକ ହେଲେ ସେହି ଗ୍ରାମର ନାଥ ଜୁଆଙ୍ଗ (୨୮)। ଘଟଣାରୁ ପ୍ରକାଶ ଯେ, ନାଥ ଗ୍ରାମ ପାଖରେ ଥିବା ଜୁଆଙ୍ଗ ସାହି ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ କରିବାକୁ ମଙ୍ଗଳବାର ପ୍ରାୟ ୧୧ଟା ବେଳେ ଯାଇଥିଲେ । ଜଙ୍ଗଲ ମଧ୍ୟରେ ନାଥ ଓ ଭାଲୁ ମୁହାଁମୁହିଁ ହୋଇଥିଲେ। ଫଳରେ ଭାଲୁ ତାଙ୍କୁ ସାମନା ପଟୁ ଆକ୍ରମଣ କରିଥିବା ବେଳେ ସେ ଗୁରୁତର ହୋଇପଡିଥିଲେ। ସେ ବଡ ପାଟି କରିବାରୁ ସାହି ଲୋକ ଜଙ୍ଗଲକୁ ଦୌଡିଥିଲେ । ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରି ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେ ଗୁରୁତର ଅବସ୍ଥାରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଥିବା ଜଣାପଡିଛି ।

### ଚୋରା କାଠ ଓ ଗାଡ଼ି ଜବତ

ଆନନ୍ଦପୁର,୨୪। ୧୨(ସ୍ୱ.ପ୍ର.)- ଆନନ୍ଦପୁର ବନ୍ୟ ପ୍ରାଣୀ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ ପ୍ରଫୁଲ୍ଲ କୁମାର ମଲ୍ଲିକ, ଆନନ୍ଦପୁର ଡେପୁଟି ରେଞ୍ଜର ପ୍ରଶାନ୍ତ କୁମାର ସ୍ୱାଇଁ, ରାମଚନ୍ଦ୍ରପୁର ଫରେଷ୍ଟର ମଳୟ କୁମାର ସାହୁ, ପଟିଲୋ ଫରେଷ୍ଟଗାର୍ଡ ରଞ୍ଜନ ରାଉତ, ଜଙ୍ଗଲ ସୁରକ୍ଷାବାହିନୀ ସଦସ୍ୟମାନେ ଚଢାଉ କରି ଘସିପୁରା ବ୍ଲକ ମଦନପୁର ଗାଁ ରାସ୍ତାରେ ଯାଉଥିବା ଏକ ନାନୋ କାରକୁ ଜବତ କରାଯିବା ସହିତ ସେଥିରେ ଥିବା କରତଚିରା ଶାଳ କାଠ ୧୫ ଖଣ୍ଡ ଜବତ କରାଯାଇଛି। ଏହାର ବଜାର ମୂଲ୍ୟ ୧୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଗାଡିରେ ଥିବା ଦୁଇ ଜଣଙ୍କୁ ବନବିଭାଗ ଅଟକ ରଖିଛି।

# ଧୂଳି ଉଡ଼ିବା ପ୍ରତିବାଦରେ ରାଜପଥ ଅବରୋଧ

ଯୋଡ଼ା, ୨୪।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ସହରର ୫୨୦ନଂ ଜାତୀୟ ରାଜପଥରେ ପ୍ରବଳ ମାତ୍ରାରେ ଧୂଳି ଉଡିବା ପ୍ରତିବାଦରେ ମଙ୍ଗଳବାର ଯୋଡା ଟଲକ ହଟିଂବାସୀ ୫୨୦ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ମଙ୍ଗଳବାର ସକାଳ ୭ଟାରୁ ୮ଟା ପର୍ଯ୍ୟନ୍ତ ହଟିଂବାସୀ ଏହି ଅବରୋଧ କରିଥିଲେ। ଖବର ପାଇ ଯୋଡା ଥାନା ଆଇଆଇସି ରାଇସେନ୍ ମୁର୍ମୁ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରି ରାସ୍ତାରେ ପାଣି ସିଞ୍ଚନ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ହଟିଂବାସୀ ରାସ୍ତା ଅବରୋଧରୁ ହଟିଥିଲେ।



ରାସ୍ତା ଅବରୋଧ କରାଯାଉଛି।

ହଟିଂବାସୀ ସେମାନଙ୍କ ଅଭିଯୋଗରେ କହିଥିଲେ ଯେ, କିଛି ଦିନ ପୂର୍ବେ ଏହି ଅଞ୍ଚଳକୁ ଷ୍ଟାଣ୍ଡିଂ କମିଟି ଓ ମୁଖ୍ୟ ଶାସନ ସଚିବ ଆସିଥିବା ସମୟରେ ରାସ୍ତାରେ ଥିବା ଖାଲଖମାରେ ମାଟି ପକାଇ ଦିଆଯାଇଥିଲା। ଯାହାକି ବର୍ତ୍ତମାନ ଜନସାଧାରଣଙ୍କ ପାଇଁ ଅସୁବିଧା ସାଜିଛି । କାରଣ, ଖାଲଖମାରେ ପକାଯାଇଥିବା ମାଟିରୁ ଧୂଳି ଉଡି ରାସ୍ତା ସମ୍ପୂର୍ଣ୍ଣ ଧୂଳିରେ କୁହୁଡି ପରି ଆଚ୍ଛାଦିତ ହୋଇଯାଉଛି । ଗତ ରବିବାର ସନ୍ଧ୍ୟା ସମୟରେ ଏହି ରାଜପଥରେ ବହୁ ମାତ୍ରାରେ ଧୂଳି ଯୋଗୁ ଏକ ମାରୁତି କାର୍‌ର ଚାଳକ ଦେଖି ନ ପାରି ଗାଡିଟିକୁ ରାସ୍ତାର ତଳ ପାର୍ଶ୍ୱକୁ ଖସାଇଦେଇଥିଲେ । ସେଠାରେ ଉପସ୍ଥିତ ଥିବା ମନୋଜ ବେହେରା ଓ ସାଥୀମାନେ ଗାଡିଟିକୁ ଠେଲି ସେଠାରୁ ବାହାର କରିଥିଲେ । ବହୁ ମାତ୍ରାରେ ଧୂଳି ଉଡିବା ଦ୍ୱାରା ଘରବାଡି, ଗଛପତ୍ର ଏପରିକି ଖାଦ୍ୟପଦାର୍ଥରେ ମଧ ଧୂଳି ଜମି ଯାଉଛି । ଫଳରେ ସ୍ଥାନୀୟ ହଟିଂବାସୀଙ୍କ ଜୀବନ ଦୁର୍ବିସହ ହୋଇପଡିଥିବା ସେମାନେ ଅଭିଯୋଗ କରିଛନ୍ତି। ରାସ୍ତାରେ ପ୍ରତିଦିନ ପାଣି ସିଞ୍ଚନ କରିବା ପାଇଁ ସେମାନେ ଦାବି କରିଛନ୍ତି।

# ଗଛ କଟାବେଳେ ବନ ବିଭାଗ ଚଢ଼ାଉ

ଚମ୍ପୁଆ,୨୪।୧୨(ଡି.ଏନ.ଏ)

ଚମ୍ପୁଆ ଗୋଧୂଳିଠାରେ ଥିବା ଗ୍ରାମ୍ୟ ଜଙ୍ଗଲରେ ଜାଳେଣି କାଠ ସଂଗ୍ରହ ନାଁରେ ଗଛ କାଟିବାକୁ ଉଦ୍ୟମ କରୁଥିବା ବେଳେ ବନ ବିଭାଗ ଚଢାଉ କରିଛି। ମାତ୍ର ଖବର ପାଇ ଲୋକମାନେ ଉକ୍ତ ସ୍ଥାନରୁ ପଳାଇଯାଇଥିବା ଜଣାଯାଇଛି। ସୂଚନା ଅନୁସାରେ ଗୋଧୂଳିଠାରେ ଥିବା ଗ୍ରାମ୍ୟ ଜଙ୍ଗଲ ମଧ୍ୟରେ କେତେକ ଲୋକ ମଙ୍ଗଳବାର ସକାଳେ ଜାଳେଣି ଯୋଗାଡ କରିବାକୁ ପଶି ଛୋଟଛୋଟ ଗଛ କାଟୁଥିବାର ଜଣାପଡିଥିଲା। କୌଣସି ସୂତ୍ରରୁ ବନ ବିଭାଗ ଖବର ପାଇ ଫରେଷ୍ଟର କ୍ଷୀରୋଦ ଦାସ ସଦଳବଳ ଉକ୍ତ ଆକାଶିଆ ଜଙ୍ଗଲରେ ପହଞ୍ଚିଥିଲେ। ଖବର ପାଇ ଜାଳେଣି ସଂଗ୍ରହକାରୀମାନେ ସେଠାରୁ ଖସି ପଳାଇଯାଇଥିଲେ। ଉକ୍ତ ସ୍ଥାନରେ କିଛି ଆକାଶିଆ ଗଛ କଟା ହୋଇ ପଡିଥିବା ଦେଖିବାକୁ ପାଇଥିଲେ। ଜାଳେଣି ସଂଗ୍ରହ ନାଁରେ ସ୍ଥାନୀୟ ଲୋକ ଏହା କରୁଥିବା ଅନୁମାନ କରୁଥିବା ବେଳେ ଜଙ୍ଗଲ ସୁରକ୍ଷା ପାଇଁ ଗାଁ ଲୋକଙ୍କୁ ବୈଠକ ଡକାଇ ସଚେତନ କରାଯିବ ବୋଲି ଫରେଷ୍ଟର ଦାସ ସୂଚନା ଦେଇଛନ୍ତି। ଏହି ଜାଳେଣି ସଂଗ୍ରହକାରୀମାନେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଆକାଶିଆ ଷ୍ଟମ୍ପ କାଟିଥିବା ଜଣାପଡ଼ିଛି।

### ଓଲଟିଲା ପରିବା, ମାଛ ବୋଝେଇ ଅଟୋ

# ୪ ବେପାରୀ ଗୁରୁତର



ଦୁର୍ଘଟଣାଗ୍ରସ୍ତ ଅଟୋ ।

ବଡବିଲ, ୨୪।୧୨ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲସ୍ଥିତ ୧୦ ନମ୍ବର ରାଜ୍ୟ ରାଜପଥର ବଡବିଲ କଲେଜ ନିକଟରେ ମଙ୍ଗଳବାର ସକାଳେ ଏକ ପରିବା ଓ ମାଛ ବୋଝେଇ ଅଟୋ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଦୁର୍ଘଟଣାରେ ଗୁରୁତର ୪ ଜଣ ବେପାରୀଙ୍କୁ ବଡବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଗୁରୁତରମାନଙ୍କ ମଧ୍ୟରେ ଭାଗୀରଥି କୈବର୍ତ୍ତ, ଆକାଶ କୈବର୍ତ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଥିଲାବେଳେ କିରଣ କୈବର୍ତ୍ତ ଓ ରୋଶନ ଠାକୁରଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଛୋଟ ଅଟୋରେ ନିର୍ଦ୍ଧାରିତ ଓଜନ ବୋଝେଇ ନ କରି ଅଧିକ ପରିମାଣର ବୋଝେଇ ହୋଇଥିବାରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ତେବେ ଅଟୋ ଚାଳକ ରାକେଶ କୈବର୍ତ୍ତ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡିଛି। ମୋଟରସାଇକେଲ, ଅଟୋ ଓ ପିକ୍‌ଅପଗୁଡିକରେ ଆବଶ୍ୟକଠାରୁ ଅଧିକ ପରିମାଣର ମାଲ ବୋଝେଇ କରିବା ସହ ବେଆଇନ୍‌ଭାବେ ଡାଲା ଉପରେ ଶ୍ରମିକ ଓ ବେପାରୀମାନେ ବସିଯାଉଥିବା ପରିଲକ୍ଷିତ ହେଉଥିବାରୁ ପରିବହନ ବିଭାଗ ଓ ପୋଲିସ ପ୍ରଶାସନ ଏ ନେଇ ଅଙ୍କୁଶ ଲଗାଇବାକୁ ଦାବି ହୋଇଛି।

# ନାଗରିକତ୍ୱ ସଂଶୋଧନ ଆଇନକୁ ବଡ଼ବିଲରେ ସମର୍ଥନ




ଶୋଭାଯାତ୍ରାରେ ସାମିଲ ହୋଇଥିବା ଜନସାଧାରଣ ଓ ବ୍ୟବସାୟୀ।

ବଡବିଲ, ୨୪।୧୨ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲରେ ଭାରତ ସରକାରଙ୍କ ନାଗରିକତା ସଂଶୋଧନ ଆଇନ(ସିଏଏ- ସିଟିଜେନ ଆମେଣ୍ଡମେଣ୍ଟ ଆକ୍ଟ)କୁ ପ୍ରବଳ ଜନସମର୍ଥନ ଥିବା ଜଣାପଡିଛି। ଗତ ଶୁକ୍ରବାର ନାଗରିକତା ସଂଶୋଧନ ଆଇନ-୨୦୧୯କୁ ବିରୋଧ କରି ସିପିଆଇର କେନ୍ଦୁଝର ଜିଲା ପରିଷଦ ପକ୍ଷରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲାବେଳେ କେତେକ ମୁସଲିମ ସମ୍ପ୍ରଦାୟର ଲୋକେ ସାମିଲ ହୋଇଥିଲେ। ତେବେ ଦେଶର ହିତ ସାଧନ ଉଦ୍ଦେଶ୍ୟରେ ହୋଇଥିବା ଏହି ଆଇନକୁ ସମର୍ଥନ ଜଣାଇ ବଡବିଲର ଅସଂଖ୍ୟ ଜନସାଧାରଣଙ୍କ ସହ ବ୍ୟବସାୟୀମାନେ ଦୋକାନ ବଜାର ବନ୍ଦ କରି ଶାନ୍ତିପୂର୍ଣ୍ଣଭାବେ ବିକାଶ ମହଲଠାରୁ ବାହାରି ମହାନ୍ତବସ୍ତି, ଜଗନ୍ନାଥ ମନ୍ଦିର ନିକଟ ଦେଇ ଅଟଳବିହାରୀ ବାଜପାୟୀ ଛକ ନିକଟରେ ପହଞ୍ଚିଥିଲେ। ତେବେ ଶୋଭାଯାତ୍ରାରେ ବଡବିଲ ଅଞ୍ଚଳର ଅଧିକାଂଶ ବ୍ୟବସାୟୀ ଦୋକାନବଜାର ବନ୍ଦ କରି ଏହି ଶୋଯାତ୍ରାରେ ସାମିଲ ହୋଇଥିଲାବେଳେ ସ୍ୱତଃ ଜନସାଧାରଣ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସରକାରଙ୍କ ଏହି ଆଇନକୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି ବଡବିଲ ଅଞ୍ଚଳର ଜନସାଧାରଣ ।

## ଅବକାରୀ ବିଭାଗ କାର୍ଯ୍ୟାଳୟରେ ତାଲା

ତେଲକୋଇ ୨୪।୧୨ (ଡି.ଏନ.ଏ.)

ତେଲକୋଇ ବ୍ଲକ ମୁଖ୍ୟାଳୟଠାରେ ଅବକାରୀ ବିଭାଗର କାର୍ଯ୍ୟାଳୟ ରହିଛି। ତେବେ ଏହି କାର୍ଯ୍ୟାଳୟରେ ଅବକାରୀ ବିଭାଗର ଅଧିକାରୀ ସହିତ କର୍ମଚାରୀ ନ ଥିବା ଯୋଗୁ କାର୍ଯ୍ୟାଳୟରେ ତାଲା ଝୁଲି ରହିଛି। ଅନ୍ୟପକ୍ଷରେ ଏହି ଅଞ୍ଚଳରେ ଦେଶୀ ମହୁଲି ଓ ନକଲି ବିଦେଶୀ ମଦ ବିଭିନ୍ନ ଛକ ଓ ଗ୍ରାମରେ ପ୍ରସାର ବୃଦ୍ଧି ପାଇବାରେ ଲାଗିଛି । ଏଥିଯୋଗୁ ଗଣ୍ଡଗୋଳ ଓ ଦୁର୍ଘଟଣା ବୃଦ୍ଧି ପାଇ ଥାନାରେ ମାମଲା କେବଳ ହେଉଛି। ସ୍ଥାନୀୟ ଜନସାଧାରଣ ଅଭିଯୋଗ କଲେ ମଧ ଅବକାରୀ ବିଭାଗ ଚୁପ ରହୁଥିବା ଜଣା ପଡିଛି। ତେବେ ପୋଲିସ ବିଭାଗ ପକ୍ଷରୁ ଦେଶୀ ଓ ବିଦେଶୀ ମଦ ବେପାରୀଙ୍କୁ ବିଭିନ୍ନ ସମୟରେ ଧରପଗଡ କରି କୋର୍ଟ ଚାଲାଣ କରୁଥିବା ପରିଲକ୍ଷିତ ହୋଇଛି। ଏସମ୍ପର୍କରେ ଅବକାରୀ ବିଭାଗ ଜିଲା ଅଧିକାରୀ ପି.ଆର. ପଟ୍ଟନାୟକଙ୍କୁ ପଚାରିବାରୁ କାର୍ଯ୍ୟାଳୟର କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି ତେବେ ଅଧିକାଂଶ ସମୟ ତାଲା ଝୁଲୁଥିବାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ।

# ଜାନୁୟାରୀ ୧୫ରୁ ଭୀମକୁଣ୍ଡ ମକର ମେଳା

ପାଟଣା, ୨୪।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ପୁରାଣ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଭୀମକୁଣ୍ଡର ମକର ମେଳା ମହୋତ୍ସବ ସକାଶେ ମଙ୍ଗଳବାର ଅପରାହ୍ନରେ ପାଟଣା ବ୍ଲକ ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଈଶର ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାଏକ, ପାଟଣା ତହସିଲଦାର ଶିବ ପ୍ରସାଦ ମୁର୍ମୁ, ଏବିଡିଓ ପ୍ରଫୁଲ୍ଲ କୁମାର ନାଏକ, ପାଟଣା ବ୍ଲକ ଉପାଧକ୍ଷା ଲକ୍ଷ୍ମୀ ପ୍ରିୟା ବେହେରା, ଜିଲା ପରିଷଦ ସଦସ୍ୟ ସୁରେଶ ଚନ୍ଦ୍ର ନାଏକ, ଅଗ୍ନିଶମ ଅଧିକାରୀ ମନୋରଞ୍ଜନ ମହାନ୍ତ, ଡୁମୁରିଆ ପଞ୍ଚାୟତ ସରପଞ୍ଚ ଦମୟନ୍ତୀ ନାଏକ, ସମିତି ସଭ୍ୟ ରାଘବ ଦଳେଇ ଓ ବିଭିନ୍ନ ଗଣମାଧମ ପ୍ରତିନିଧି ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଜାନୁୟାରୀ ୧୫ ତାରିଖରୁ ୩ ଦିନ ବ୍ୟାପୀ ଏହି ମକର ମେଳା ଅନୁଷ୍ଠିତ ହେବା ପାଇଁ ଏହି ବୈଠକରେ ସ୍ଥିର ହୋଇଛି। ଜାନୁୟାରୀ ୧୫ ତାରିଖ ଦିନ ଆନୁଷ୍ଠାନିକ ଭାବେ ଭୀମକୁଣ୍ଡ ମକର ମେଳା ଉଦ୍‌ଘାଟିତ ହେବା ସହ ରୁଙ୍ଗଟା କମ୍ପାନୀ ତରଫରୁ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ୱାଚ ଟାୱାରକୁ ମୁଖ୍ୟ ଅତିଥି ଲୋକାର୍ପିତ କରିବେ। ପତ୍ୟେହ ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ବଲପୁରୀ, ଓଡିଶୀ ଓ ଆଦିବାସୀ ନୃତ୍ୟ ପରିବେଷଣ ହେବ। ଏହି ମହୋତ୍ସବ ରେ କୌଶଳ ଦକ୍ଷତା ମନ୍ତ୍ରୀ ପ୍ରେମାନନ୍ଦ ନାଏକ, ପାଟଣା ବିଧାୟକ ଜଗନ୍ନାଥ ନାଏକ ଓ କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁଙ୍କୁ ଅତିଥି ରୂପେ ଯୋଗ ଦେବା ପାଇଁ ଭୀମକୁଣ୍ଡ ଉନ୍ନୟନ ପରିଷଦ ତରଫରୁ ଅନୁରୋଧ କରାଯିବାର ନିଷ୍ପତ୍ତି ନିଆଯାଇଛି।

## ଗୃହ ନିର୍ମାଣ କିସ୍ତି ମିଳୁନି

ହାଟଡିହୀ,୨୪।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ପଢିଆରିପଲୀ ପଂଚାୟତ କୁରଢୀଘସା ଗ୍ରାମର ହରିହର ବେହେରା ଗତ ୨୦୧୬-୧୭ରେ ଖଣିକ୍ଷତିଗ୍ରସ୍ତ ବିଜୁପକାଘର ଯୋଜନାରେ ଗୃହ ମିଳିଥିଲା । ୧ମ କିସ୍ତିରେ ୨୦ହଜାର ,୨ୟ କିସ୍ତିରେ ୩୫ହଜାର ଓ ୩ୟ କିସ୍ତିରେ ୪୫ହଜାର ଟଙ୍କା ଅନୁଦାନ ମିଳିସାରିଛି। କିନ୍ତୁ ଆଜକୁ ପ୍ରାୟ ୧ବର୍ଷ ହେବ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ବି ଚତୁର୍ଥ କିସ୍ତି ବାବଦର ଅନୁଦାନ ୩୦ହଜାର ଟଙ୍କା ମିଳିନାହିଁ। ଫଳରେ ହରିହର ବହୁବାର ବ୍ଲକକୁ ଦୌଡିଦୌଡି ନିରାଶ ହୋଇଥିବା କହିଛନ୍ତି। ଉକ୍ତ ପଞ୍ଚାୟତରେ ସରକାରୀ ଯୋଜନାର ଠିକ ତଦାରଖ ଅଭାବରୁ ଯୋଜନା ଗରିବ ଲୋକଙ୍କପାଇଁ ଦୁର୍ଦ୍ଦଶାର କାରଣ ସାଜୁଥିବା ଅଭିଯୋଗ ହେଉଛି। ଏସମ୍ପର୍କରେ ପିଇଓ ନରହରି ନାୟକ କହିଛନ୍ତି ଯେ, ଏପରି ଘଟଣା ଜଣା ନଥିଲା। ତଦନ୍ତ ପରେ ଘଟଣା ଦିଗରେ ପଦକ୍ଷେପ ନିଆଯିବ ।

# ଅବସରପ୍ରାପ୍ତ ବିଚାର ବିଭାଗୀୟ କର୍ମଚାରୀଙ୍କ ବନ୍ଧୁମିଳନ

କେନ୍ଦୁଝର, ୨୪।୧୨ (ସ୍ୱ.ପ୍ର.)

ସଦର ବ୍ଲକ ଅନ୍ତର୍ଗତ ଭାଲୁଘରଠାରେ କେନ୍ଦୁଝର ଜିଲା ଅବସରପ୍ରାପ୍ତ ବିଚାର ବିଭାଗୀୟ କର୍ମଚାରୀଙ୍କର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୟସର ସୀମାକୁ ପଛରେ ପକାଇ ୫୭ଜଣ ଅବସରପ୍ରାପ୍ତ କର୍ମଚାରୀ ଭୁବନେଶ୍ୱର, ଯାଜପୁର, ଆନନ୍ଦପୁର ସମେତ ବିଭିନ୍ନ ସ୍ଥାନରୁ ଆସି ବନ୍ଧୁମିଳନରେ ସାମିଲ ହୋଇଥିଲେ। ସଂଘର ବରିଷ୍ଠ ସଦସ୍ୟ ଅକ୍ଷୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇ ୨୦୧୯ ମସିହାରେ ସ୍ୱର୍ଗାରୋହଣ କରିଥିବା ସଦସ୍ୟ ଦିବାକର ଚୌଧୁରୀ ଓ ବିଦ୍ୟାଧର ଗିରିଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ୨୦୧୯ରେ ଅବସର ଗ୍ରହଣ କରିଥିବା ଚନ୍ଦ୍ରକାନ୍ତ ତ୍ରିପାଠୀ,ସୀତାନାଥ ମହାନ୍ତି,ଅନନ୍ତ କିଶୋର ମହାନ୍ତି,ପ୍ରବୀଣ କୁମାର ସାମଲ,ସଦାନନ୍ଦ ସାହୁ ଓ ଦୟାନିଧି ସ୍ୱାଇଁଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସଂଘକୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ସଂଘର ବରିଷ୍ଠ ସଦସ୍ୟ ବିକାଶ ରଞ୍ଜନ ଦାସ, ରବୀନ୍ଦ୍ରନାଥ ସାମଲ ଓ ନରୋତ୍ତମ ନାହାକଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଦିନରେ ସଂଘ ତରଫରୁ କେନ୍ଦୁଝର ସହରରେ ଥିବା ଦେବାଦେବୀଙ୍କ ମନ୍ଦିର ସଫା କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସଂଘର ସ୍ଥାୟୀ ସଭାପତି କିଶୋର ଚନ୍ଦ୍ର ଦାସ ସମସ୍ତ ସଭ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସଂଘର ସମସ୍ତ ସଦସ୍ୟ ବଣଭୋଜିରେ ସାମିଲ ହୋଇଥିଲେ।

# ଏକାଗ୍ରତା ଲାଗି ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥିଙ୍କ ସହ ଛାତ୍ରୀଛାତ୍ର।

ଚମ୍ପୁଆ,୨୪।୧୨(ଡି.ଏନ.ଏ)

ଚମ୍ପୁଆ ସରସ୍ୱତୀ ବିଦ୍ୟାମନ୍ଦିର ପରିସରରେ ମିରାକିଲ୍ ବ୍ରେନ୍ ସାଇନ୍ସ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷକ ମହେନ୍ଦ୍ର ଗିରିଙ୍କ ଦ୍ୱାରା ଆୟୋଜିତ ଏହି ଶିବିରରେ ପ୍ରାୟ ୨୦୦ ଛାତ୍ରୀଛାତ୍ର ଓ ଅଭିଭାବକ ଯୋଗ ଦେଇଥିଲେ। ମାନସିକ ସନ୍ତୁଳନ ରକ୍ଷା କରି ଛାତ୍ରୀଛାତ୍ର କିପରି ନିଜ ଶିକ୍ଷାର ମାନ ବୃଦ୍ଧି କରି ପାରିବେ ଏହି ଲକ୍ଷ୍ୟ ନେଇ ଏହା ଅନୁଷ୍ଠିତ ହୋଇଥିବା ଜଣାଯାଇଛି। ଛାତ୍ରୀଛାତ୍ରଙ୍କ ଶିକ୍ଷା ଗ୍ରହଣ ସମୟରେ ଏକାଗ୍ରତା ବୃଦ୍ଧି ଓ ସରଳ ପଦ୍ଧତିରେ କିପରି ବିଭିନ୍ନ ବିଷୟରେ ସମାଧାନ କରିପାରିବେ ତାହା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରକୁ ଓଡିଶା ଜନସେବା ସଂଗଠନ ସମ୍ପାଦକ ମହେନ୍ଦ୍ର କୁମାର ଗିରି, ରାଜପତି ବେହେରା, ପ୍ରିୟଙ୍କା ପ୍ରଧାନ, ଦେବାଶିଷ ମହାନ୍ତ ପ୍ରମୁଖ ସଦସ୍ୟ ଆୟୋଜନ କରିଥିଲେ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ

ଚମ୍ପୁଆ,୨୪।୧୨(ଡି.ଏନ.ଏ.)

ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୩୫ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରୀତିମୟ ଯୋଗ ଦେଇ ଶିଶୁ ମନ୍ଦିରକୁ ମଣିଷ ତିଆରି କାରଖାନା ରୂପେ ଅଭିହିତ କରିବା ସହିତ ପ୍ରାଚୀନ ସଂସ୍କୃତିକୁ ଆଧାର କରି ଆଜି ଏହି ବିଦ୍ୟାଳୟ ଶିକ୍ଷାଦାନର ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ମତ ଦେଇଥିଲେ। ବିଦ୍ୟାଳୟ ପରିଚାଳନା ସଭାପତି ଏକାଦଶିଆ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଚମ୍ପୁଆ ତହସିଲଦାର ଆଲୋକ କୁମାର ପଟେଲ, ମୁଖ୍ୟବକ୍ତା ଭାବେ ଭାରତୀୟ ସଂସ୍କୃତି ପ୍ରଚାର ସମିତିର ଓଡିଶା ସମ୍ପାଦକ ନୃସିଂହ ଚରଣ ପଣ୍ଡା, ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ, ଉପସଭାପତି ଅରୁଣ କୁମାର ସାହୁ, ସମ୍ପାଦକ ଗଙ୍ଗାଧର କର, ଅଜିତ ରାମ, ବିଭୂତି ବଡପଣ୍ଡା, କୁମୁଦିନୀ ନାଏକ, ପ୍ରଭାସିନୀ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ନୃସିଂହ ଚରଣ ପଣ୍ଡା ଭାରତୀୟ ପ୍ରାଚୀନ ସଂସ୍କୃତି ଓ ଆଜିର ବୈଜ୍ଞାନିକ ପଦ୍ଧତି ସହ ସାମଞ୍ଜସ୍ୟ ସମ୍ପର୍କରେ ମତ ରଖିଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ବିଭାଗର କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତ ମାଟ୍ରିକ ପରୀକ୍ଷାର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଆଶିଷ ଜେନାଙ୍କୁ ବରୁଣ ବିଶ୍ୱ ଭୂଷଣ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ରାଜେଶ କୁମାର ଗୋପ ଓ ରିଙ୍କି ମହାନ୍ତଙ୍କୁ ଶ୍ରେଷ୍ଠ କ୍ରୀଡାବିତ୍ ଭାବେ ଚିନ୍ମୟ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଧାନବାଦ ଏକାଡେମୀ ଚାମ୍ପିୟନ

### ଆନ୍ତଃରାଜ୍ୟ ଫୁଟବଲ୍ ଟୁର୍ନାମେଣ୍ଟ

ଆନନ୍ଦପୁର,୨୪।୧୨(ସ୍ୱ.ପ୍ର.)

ଆନନ୍ଦପୁର ବ୍ଲକ ଅନ୍ତର୍ଗତ ତରତରା ଖେଳପଡିଆଠାରେ ଅନୁଷ୍ଠିତ ହେଉଥିବା ୨୧ତମ ଆନ୍ତଃରାଜ୍ୟ ଫୁଟବଲ ଟୁର୍ନାମେଣ୍ଟର ତୃତୀୟ ଦିବସରେ ମା' ଭୁଆଶୁଣି କଟକ ଏବଂ ଧାନବାଦ ଫୁଟବଲ୍ ଏକାଡେମୀ ଝାଡଖଣ୍ଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଝାଡଖଣ୍ଡ ୧-୦ ଗୋଲରେ କଟକକୁ ପରାସ୍ତ କରି ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି। ଦ୍ୱିତୀୟ ଦିବସରେ ସାଇ କଟକ ଓ ସ୍ପୋର୍ଟ୍ସ ହଷ୍ଟେଲ ବାରିପଦା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସାଇ କଟକ ଟିମ୍ ଉନ୍ନତ ଖେଳ ପ୍ରଦର୍ଶନ କରି ୨-୧ରେ ମ୍ୟାଚକୁ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଥିଲା। ଏହି ଚିତ୍ତାକର୍ଷକ ଖେଳକୁ ରେଫରି ଭାବେ ଦିଗବିଜୟ ଦାସ, ଆଶୀର୍ବାଦ କାନୁନଗୋ, ଲକ୍ଷ୍ମୀ ପ୍ରସାଦ, ଅବିନାଶ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟର ସଭାପତି ଜିତେନ୍ଦ୍ର ସାମଲ, ସମ୍ପାଦକ ସୁବ୍ରତ ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖେଳପଡିଆରେ କ୍ଲବର ସଦସ୍ୟ ସୁଶାନ୍ତ ସାମଲ, ସୁରେଶ ଧଳ, ମନ୍ଦର ଜେନା, ବସନ୍ତ ଜେନା, ଜଗା ବେହେରା, ସୁରେନ୍ଦ୍ର ନାଇକ, ବାବୁ ନାଇକ, ବିଟାଲି ବାରିକ, ସନ୍ତୋଷ ଧଳ, ଅରବିନ୍ଦ ସାମଲ ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଆରମ୍ଭ




ଜିଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି।

କେନ୍ଦୁଝର, ୨୪।୧୨(ଡି.ଏନ୍.ଏ.)

କେନ୍ଦୁଝର ଷ୍ଟାଡିୟମଠାରେ ଜିଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଜିଲାସ୍ତରୀୟ ଦୌଡକୁଦ ପ୍ରତିଯୋଗିତା-୨୦୧୯ ମଙ୍ଗଳବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ଜିଲା କ୍ରୀଡାସଂସ୍ଥାର ସାଧାରଣ ସମ୍ପାଦକ ଜନାର୍ଦ୍ଦନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କ୍ରୀଡାସଂସ୍ଥାର ଉପସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରି ଦୌଡକୁଦ ପ୍ରତିଯୋଗୀତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କ୍ରୀଡାସଂସ୍ଥାର ଉପସଭାପତି ଧୀରେନ୍ଦ୍ର ରାଉତ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର କୁମାର ପାଢୀ, କୋଷାଧ୍ୟକ୍ଷ ସରୋଜ କୁମାର ରଣା, ସଦସ୍ୟ ରାଜକୁମାର ମିଶ୍ର, ଗିରିଶ ଚନ୍ଦ୍ର ହୋତା, ଉମେଶ ଚନ୍ଦ୍ର ଦାସ, ଜିଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ଜିଲା ଶାରିରୀକ ନିରୀକ୍ଷକ ସର୍ଦ୍ଦାର ବାରିକ, ସ୍ପୋର୍ଟସ ହଷ୍ଟେଲ ଅଧିକାରୀ ସୁବ୍ରତ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ୨୪ ଓ ୨୫ ତାରିଖ ଦୁଇଦିନ ଧରି ଆୟୋଜିତ ହେବାକୁ ଥିବା ଏହି କ୍ରୀଡ଼ା ପ୍ରତିଯୋଗିତାର ଉଭୟ ପୁରୁଷ ଓ ମହିଳାବର୍ଗର ୧୦୦, ୨୦୦ମିଟର ଦୌଡ, ସର୍ଟପୁଟ୍ ଥ୍ରୋ, ଡିସକସ୍ ଥ୍ରୋ, ଲମ୍ବଡିଆଁ, ଉଚ୍ଚଡିଆଁ, ଜାଭେଲିନ୍ ଥ୍ରୋ ଇତ୍ୟାଦି ପ୍ରତିଯୋଗିତା ଆୟୋଜନ କରାଯାଇଛି। ସେହିଭଳି ୧୦ହଜାର ମିଟର ଦୌଡ, ୩ହଜାର ମିଟର ଦୌଡ ସାଙ୍ଗକୁ ଅନ୍ୟାନ୍ୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ହେବାର କାର୍ଯ୍ୟକ୍ରମ ଅଛି। ୨୫ ତାରିଖ ଅପରାହ୍ନରେ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହେବାକୁ ଥିବାବେଳେ ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିଯୋଗିତାରେ ଜିଲାର ବିଭିନ୍ନ ସ୍ଥାନରୁ ୫ ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏବଂ ଅଫିସିଆଲ୍ ଯୋଗ ଦେଇଛନ୍ତି।

## ସଂକ୍ଷେପରେ

### ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

**ବାଲିଆପାଳ,୨୪।୧୨(ଡି.ଏନ.ଏ.)-** ବାଲିଆପାଳ ବ୍ଲକର ଅନ୍ୟତମ ମହିଳା ମହାବିଦ୍ୟାଳୟ ଲକ୍ଷ୍ମୀପ୍ରିୟା ମହିଳା ମହାବିଦ୍ୟାଳୟର ୨୩ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ସୁଦୀପ୍ତା ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀଙ୍କ ମାନଙ୍କର ଭବିଷ୍ୟତ ଜୀବନ ଉଜ୍ଜଳ କାମନା କରିଥିଲେ। ପ୍ରାରମ୍ଭରେ ଅଧାପକ ରମେଶ ଚନ୍ଦ୍ର ପଣ୍ଡା ବେଦପାଠ କରିଥିବା ବେଳେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଅଧାପକ ବରେନ୍ଦ୍ର ବେହେରା ଅତିଥି ପରିଚୟ କରିଥିଲେ । ଅନ୍ୟମାନଙ୍କ ମଧରେ ଲକ୍ଷ୍ମୀପ୍ରିୟା ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷା ଅନ୍ନପୂର୍ଣ୍ଣା ମଲ୍ଲିକ ତଥା ଉଭୟ ମହାବିଦ୍ୟାଳୟର ଅଧାପକ ଓ ଅଧାପିକା ତଥା କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ରମେଶ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

### ବାର୍ଷିକ କ୍ରୀଡ଼ା ଉତ୍ସବ

**ଉଦଳା,୨୪।୧୨(ଡି.ଏନ୍.ଏ.):** ଉଦଳା ବ୍ଲକ ଅଧୀନ ଆରଡିଏସ୍ ଡିଗ୍ରୀ ମହାବିଦ୍ୟାଳୟର ଏକ ଦିବସୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟର ଯୁକ୍ତ ୩ ଏବଂ ଯୁକ୍ତ ୨ ଶ୍ରେଣୀର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ଉଚ୍ଚଡିଆଁ, ଲମ୍ବ ଡିଆଁ, ୨୦୦ ଓ ୪୦୦ମିଟର ଦୌଡ, ମ୍ୟୁଜିକ୍ ଚେୟାର, ଜାଭେଲିନ୍ ଥ୍ରୋ, ଡିସକସ୍ ଥ୍ରୋ ସମେତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଟ୍ରଫି ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା । ଉତ୍ସବରେ ଯୁକ୍ତ ୩ କଲେଜ ଅଧକ୍ଷ ପ୍ରଫେସର ଡ. ପ୍ରଦୀପ କୁମାର ଗିରି ଏବଂ ଯୁକ୍ତ ୨ କଲେଜ ଅଧକ୍ଷ ଅରବିନ୍ଦ ମୁଦୁଲି, କ୍ରୀଡା ସମ୍ପାଦକ ଡ. ଅଜିତ କୁମାର ମହାପାତ୍ର ଉଦଘାଟନ କରିଥିଲେ । ପୁରସ୍କାର ବିତରଣୀ ସଭାରେ କଲେଜ ଅଧକ୍ଷ ଡ. ଗିରି ସଭାପତିତ୍ୱ କରିଥିଲେ। ଅତିଥି ଭାବେ ସାନ୍ତାଳୀ ସିନେ ଜଗତର ନିର୍ଦ୍ଦେଶକ ତଥା ଓଡ଼ିଆ ଆଲବମର ନିର୍ଦ୍ଦେଶକ ସଞ୍ଜୀବ ଦ୍ୱିବେଦୀ, ସୁଦୀପ୍ତ ଜେନା, ଆଲବମ୍ କଳାକାର ଶୁଭାଙ୍ଗୀ ଏବଂ ଅଭିଷେକଙ୍କ ସମେତ ୟୁନିକ୍ ପ୍ରେସ୍ କ୍ଲବର ସଭାପତି ସନ୍ତୋଷ କୁମାର ବାଛିନୀ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରିଥିଲେ। ଅଧାପକ ଅକ୍ଷୟ ଗିରି, ନିରଞ୍ଜନ ମଢୁଆଳ, ଚିତ୍ତରଞ୍ଜନ ମହାପାତ୍ର, ଦିଲ୍ଲୀପ କୁମାର ପ୍ରମାଣିକ, ଗୋପୀନାଥ ଦାସ ଏବଂ ଅଧାପିକା ମମତା ପ୍ରଧାନ, ଲୀନା ନାୟକ, ସୁନିତୀ ଲେଙ୍କା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

### ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ

**ଭଣ୍ଡାରିପୋଖରୀ, ୨୪।୧୨ (ଡି.ଏନ୍.ଏ.)-** ଭଦ୍ରକ ଜିଲା ଭଣ୍ଡାରିପୋଖରୀ କଲେଜରେ ମଙ୍ଗଳବାର ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଧକ୍ଷ ଭରତ ଚନ୍ଦ୍ର କରଣ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରର ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରିଣୀ ଡ. ସୁମିତ୍ରା ଦେ ଏବଂ ଅନ୍ୟତମ ଅତିଥି ଭାବେ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନ ସ୍ୱାସ୍ଥ୍ୟ ଅଧିକାରିଣୀ ଅନୀତାରାଣୀ ରାଉତ ଯୋଗ ଦେଇଥିଲେ। ଅଧାପକ ହରିହର ସାହୁ ଅତିଥି ପରିଚୟ ସୁଜାତାରାଣୀ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।

# ସମାଜକୁ ବାଟ ଦେଖାଏ ସାହିତ୍ୟ

## ଉତ୍କଳ ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ

**ବାସୁଦେବପୁର, ୨୪।୧୨(ଡି.ଏନ୍.ଏ.)**

ଉତ୍କଳ ସାହିତ୍ୟ ପରିଷଦ ପକ୍ଷରୁ ସାମ୍ବତ୍ସରିକ ସାହିତ୍ୟ ଆସର, କବିତା ପାଠୋତ୍ସବ, ପୁସ୍ତକ ଲୋକାର୍ପଣ ସହ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଭଦ୍ରକ ଜିଲା ବାସୁଦେବପୁର ଆରୁହା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଭାଗପୁର ପରିସରରେ ରବିବାର ଦିବସବ୍ୟାପୀ ଆୟୋଜିତ କାର୍ଯ୍ୟକ୍ରମକୁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଶୀଲ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବରେ ଓଡ଼ିଆ ରାଜ୍ୟ ରାଜ ଭାଷା ଅଧକ୍ଷ ନାରାୟଣ ମୁଦୁଲି ଯୋଗ ଦେଇ ସାହିତ୍ୟ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ ବୋଲି କହିଥିଲେ। ସାହିତ୍ୟିକମାନେ ସମାଜର ମଙ୍ଗଳ ପାଇଁ କଲମ ଚଳାଇବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସରପଞ୍ଚ କଳ୍ପନାରାଣୀ ସାହୁ, ସିଆର୍‌ସିସି ମନୋଜ କୁମାର ଦୀକ୍ଷିତ, କବି ବିକାଶ ଚନ୍ଦ୍ର ଶତପଥୀ, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଡ. ବସନ୍ତ ଦାସ ଯୋଗ ଦେଇଥିଲେ। ଷ୍ଟେଟ୍‌ବ୍ୟାଙ୍କ ଅଫ୍ ଇଣ୍ଡିଆ କୋଲକାତା ଶାଖା ମୁଖ୍ୟ ପ୍ରବନ୍ଧକ ନରେଶ ଚନ୍ଦ୍ର ସାହୁ ସଭାରେ ସଭାପତିତ୍ୱ କରିଥିଲେ। ପରିଷଦ ସଭାପତି ଡ. ସୁରେଶ ଚନ୍ଦ୍ର ସାହୁ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ଶରତ କୁମାର ମହନୀ ବିବରଣୀ ପାଠ କରିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ସହସମ୍ପାଦକ ସୁକାନ୍ତ ସାହୁ । କବିତା ପାଠୋତ୍ସବରେ କବି ପ୍ରଦୀପ୍ତ ମହାନ୍ତି କବିତା ସଂଯୋଜନା କରିଥିଲେ। ଏହି ଅବସରରେ କବି ମହେନ୍ଦ୍ର ପ୍ରସାଦ ବାରିକଙ୍କୁ ଉତ୍କଳ ସାହିତ୍ୟ ପରିଷଦ ସମ୍ମାନ ଓ ଯାତ୍ରା ଖଳନାୟକ ସଞ୍ଜୟ ଭୋଳଙ୍କୁ କଳାକାର ସୁରେନ୍ଦ୍ର ଦାସ ସ୍ମୃତି ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଛାତ୍ରୀ ବିଜୟଲକ୍ଷ୍ମୀ ବେହେରା, ଗୋପାଳ ଚନ୍ଦ୍ର ସାମନ୍ତ, ସୁଦର୍ଶନ ଅଗସ୍ତୀ, ଯଦୁମଣି ସ୍ୱାଇଁ, ଲଳିତ କୁମାର ମିଶ୍ର, ବୃନ୍ଦାବନ ମିଶ୍ର, କାମିନୀଲତା ଧରଙ୍କୁ ସମ୍ମାନିତ କରାଯାଇଥିଲା।

# ସ୍ୱଚ୍ଛଭାରତ ଅଭିଯାନ ଉପଲକ୍ଷେ ଜିଲାସ୍ତରୀୟ ସମ୍ମିଳନୀ



ଜିଲାସ୍ତରୀୟ ସମ୍ମିଳନୀରେ ଯୋଗ ଦେଇଥିବା ଅତିଥି।

**କେନ୍ଦୁଝର, ୨୪।୧୨(ଡି.ଏନ୍.ଏ.)**

ସ୍ୱଚ୍ଛଭାରତ ଅଭିଯାନ ଉପଲକ୍ଷେ ଚାଇଲ୍ଡ ଲାଇନ୍, କେନ୍ଦୁଝର ତରଫରୁ ଜିଲାସ୍ତରୀୟ ସମ୍ମିଳନୀ ମନୋଜ ମଞ୍ଜରୀ ଶିଶୁଭବନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଚାଇଲ୍ଡ ଲାଇନ କେନ୍ଦ୍ର ସଂଯୋଜକ ରୁଚିସୁନ୍ଦର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରତାପ କୁମାର ପରିଡା, ସମ୍ମାନନୀୟ ଅତିଥି ଭାବେ ଜିଲା ଶିଶୁମଙ୍ଗଳ ସମିତିର ଅଧକ୍ଷା ଗୀତାଞ୍ଜଳୀ ମିଶ୍ର, ସଦସ୍ୟ ସନ୍ଦୀପ କୁମାର ପଟ୍ଟନାୟକ, ଜିଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ସୌମ୍ୟରଞ୍ଜନ ଦାସ, ଜିଲା ଶ୍ରମ ବିଭାଗ ତରଫରୁ କବିତା ହେମ୍ବ୍ରମ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓସ୍କାର ସଂପାଦିକା ଧରିତ୍ରୀ ରାଉତ ଯୋଗଦେଇ ସ୍ୱଚ୍ଛଭାରତ ଅଭିଯାନକୁ ସଫଳ କରିବା ପାଇଁ ସ୍ୱଚ୍ଛ ପରିବେଶ ସହ ଆନ୍ତରିକ ସ୍ୱଚ୍ଛତା, ସ୍ୱଚ୍ଛ ବ୍ୟବହାରର କିପରି ଆବଶ୍ୟକତା ରହିଛି ସେ ବିଷୟରେ ଆଲୋଚନା କରିଥିଲେ। ଚାଇଲ୍ଡ ଲାଇନ ତରଫରୁ କରାଯାଇଥିବା ବିଭିନ୍ନ ଗ୍ରାମସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ନିମନ୍ତ୍ରିତ କରାଯାଇ ପୁରସ୍କୃତ କରାଯାଇଥିଲା। ଏଥିସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ଓ ଦସ୍ତଖତ ଅଭିଯାନର ମଧ ଆୟୋଜନ କରାଯାଇଥିଲା।

## ପ୍ରଥମ ଦିନରେ ଧାନ ବିକିଲେ ୧୫ ଚାଷୀ

# ମାଳଦାରେ ଖୋଲିଲା ମଣ୍ଡି

**ଭଣ୍ଡାରିପୋଖରୀ, ୨୪।୧୨(ଡି.ଏନ୍.ଏ.)**





ମାଳଦା ପ୍ରାଥମିକ ସେବା ସମବାୟ ସମିତିରେ ଧାନକିଣା ଆରମ୍ଭ କରାଯାଉଛି।

ବିଳମ୍ବ ହେଲେ ବି ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମାଳଦା ପ୍ରାଥମିକ ସେବା ସମବାୟ ସମିତିରେ ମଙ୍ଗଳବାରଠାରୁ ଚଳିତ ବର୍ଷ ଖରିଫ ଧାନ କିଣା ଆରମ୍ଭ ହୋଇଛି। ସମିତି ସଭାପତି ଅରବିନ୍ଦ ନାୟକଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ବିସିସି ବ୍ୟାଙ୍କ ଭଣ୍ଡାରିପୋଖରୀ ଶାଖା ପରିଚାଳକ ନିର୍ମଳ ଚନ୍ଦ୍ର ସେଠୀ, ସମିତି ସମ୍ପାଦକ ମଦନ ମୋହନ ସାହୁ, ସମବାୟ ସହକାରୀ ନିବନ୍ଧକ ନିରଞ୍ଜନ ମାଝି, ବ୍ଲକ ଯୋଗାଣ ଅଧିକାରୀ ରେବତୀ ସିଂ ନାୟକ, ସମିତି ସଦସ୍ୟ ମୋହନ କୁମାର ରାୟ, ମୁକୁନ୍ଦ ଚରଣ ମଲିକ ପ୍ରମୁଖ ଯୋଗ ଦେଇଥିଲେ।

ମଙ୍ଗଳବାର ପ୍ରଥମ ଦିନରେ ସମିତିର ୧୩ ଜଣ ଚାଷୀ ୪୫୦ କୁଇଣ୍ଟାଲ ଧାନ ବିକ୍ରୟ କରିଥିଲେ। ଚାଷୀଙ୍କଠାରୁ ଧାନକ୍ରୟ ପାଇଁ ଉକ୍ତ ସମିତି ସହିତ ଆଖୁଆପଦା ଅଞ୍ଚଳର ମିଲର ହରପାର୍ବତୀ ରାଇସ ମିଲ୍ ବୁଝାମଣା କରିଛି। ଏହି ସମିତିରେ ୪୮୪ ଜଣ ଚାଷୀ ଧାନ ବିକିବାକୁ ପଞ୍ଜୀକୃତ ହୋଇଛନ୍ତି। ଡିସେମ୍ବର ୩୧ ସୁଦ୍ଧା ସମିତି ୧୦୦୦ କୁଇଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ୍ ରଖିଥିବା ସମ୍ପାଦକ ମଦନ ମୋହନ ସାହୁ ସୂଚନା ଦେଇଛନ୍ତି। କିଶୋର କୁମାର ଦାସ, ନିର୍ମଳ ଚନ୍ଦ୍ର ଦାସ, ଧୀରେନ୍ଦ୍ର ଧଳ, ଉଦୟ କୁମାର ନାୟକ ପ୍ରମୁଖ ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଶାରଦାରେ ଅଷ୍ଟାଦଶ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଭଣ୍ଡାରିପୋଖରୀ, ୨୪।୧୨(ଡି.ଏନ୍.ଏ.)**

ସ୍ଥାନୀୟ ଶାରଦା ବିଦ୍ୟାମନ୍ଦିରଠାରେ ଦୁଇଦିନିଆ ଅଷ୍ଟାଦଶ ବାର୍ଷିକ କ୍ରୀଡ଼ା ଉତ୍ସବ ବିଭିନ୍ନ ପ୍ରତିଯୋଗିତା ମଧ୍ୟରେ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ସୁଜିତ ମଲିକ, ବିବେକାନନ୍ଦ ଜେନା, ଲୋକନାଥ ସ୍ୱାଇଁ, ପ୍ରୀତିପ୍ରିୟଦର୍ଶନୀ ସାହୁ, ଲୋପାମୁଦ୍ରା ସ୍ୱାଇଁ ଚାମ୍ପିୟନ ହୋଇ ଚାମ୍ପିୟନ ଟ୍ରଫି ହାସଲ କରିଥିଲେ। ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର କ୍ରୀଡ଼ା ମଶାଲ ପ୍ରଜ୍ୱଳନ କରି ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସୁସ୍ମିତା ସ୍ୱାଇଁଙ୍କ ସଂଯୋଜନାରେ ମୁଖ୍ୟଅତିଥି ଦକ୍ଷିଣବାଡ଼ ସରପଞ୍ଚ ବିଜୟ ଶଙ୍କର ମହାନ୍ତି, ମୁଖ୍ୟବକ୍ତା ସାତଭଉଣୀ ହାଇସ୍କୁଲ ବରିଷ୍ଠ ଶିକ୍ଷକ ବିଜୟ କୁମାର ମିଶ୍ର ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ପବନ କୁମାର ନାୟକ ଅତିଥି ପରିଚୟ ଓ ସୁଶାନ୍ତ ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ଚିତ୍ତରଞ୍ଜନ ନାୟକ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ଭାବେ ନିର୍ମଳ କୁମାର ସେନାପତି ଯୋଗ ଦେଇଥିଲେ।

# ଦିବ୍ୟାଙ୍ଗ ସଚେତନତା କାର୍ଯ୍ୟକ୍ରମ





ମୁଖ୍ୟ ଅତିଥି ଅଭିଭାଷଣ ପ୍ରଦାନ କରୁଛନ୍ତି।

**କୁଳିଅଣା,୨୪।୧୨(ଡି.ଏନ୍.ଏ.)**

ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବାଇଗଣବାଡ଼ିଆସ୍ଥିତ ଉତ୍କଳମଣି ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଦିବ୍ୟାଙ୍ଗ ଅଭିଭାବକ ଓ ଶିକ୍ଷକମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ସଞ୍ଚାର-୩ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭଗବାନ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଏବିଇଓ ସୁଧାକର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗ ପିଲାମାନେ ସ୍ୱତନ୍ତ୍ର ପ୍ରତିଭାର ଅଧିକାରୀ ଏବଂ ସେହି ଲୁକ୍କାୟିତ ପ୍ରତିଭାର ଚିହ୍ନଟ ଓ ବିକାଶ ପାଇଁ ପ୍ରଧାନଶିକ୍ଷକଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ମତ ରଖିଥିଲେ। ସମ୍ମାନନୀୟ ଅତିଥି ଭାବେ ଡ.ସରୋଜ କୁମାର ନାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ କୁଚେଇ କ୍ଲଷ୍ଟରର ସିଆରସିସି ଦମୟନ୍ତୀ ବେହେରା, ସାଧନ କର୍ମୀ ରଉତ କୁମାର ବିଶ୍ୱାଳ, ମିନର୍ଭା ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଚାନ୍ଦିପୁର ବେଳାଭୂମି ମହୋତ୍ସବ ଆଜି

**ବାଲେଶ୍ୱର ଅଫିସ, ୨୪।୧୨**



ଖବରଦାତା ସମ୍ମିଳନୀରେ ବେଳାଭୂମି ମହୋତ୍ସବ କମିଟି କର୍ମକର୍ତ୍ତା।

ବାଲେଶ୍ୱର ଜିଲା ଚାନ୍ଦିପୁର ବେଳାଭୂମିରେ ବୁଧବାର 'ଚାନ୍ଦିପୁର ବେଳାଭୂମି ମହୋତ୍ସବ' ଅନୁଷ୍ଠିତ ହେବ। ଏନେଇ ମଙ୍ଗଳବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀରେ ମହୋତ୍ସବ କମିଟି ଅଧକ୍ଷ ପୂର୍ବତନ ବିଧାୟକ ଅରୁଣ ଦେ ସୂଚନା ଦେଇଛନ୍ତି।

୯ମ ବେଳାଭୂମି ମହୋତ୍ସବରେ ରାଜ୍ୟ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିବା ସହ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ମୁଖ୍ୟଅତିଥି ଓ ସଦର ବିଧାୟକ ମଦନ ମୋହନ ଦତ୍ତ ମୁଖ୍ୟବକ୍ତା ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଛାତ୍ରୀଛାତ୍ରମାନଙ୍କର ପରୀକ୍ଷା ସହ ଡିସେମ୍ବର ୨୫ରେ ବେଳାଭୂମିରେ ପର୍ଯ୍ୟଟକମାନଙ୍କର ଆଗମନକୁ ଲକ୍ଷ୍ୟ କରି ଏହି ଦିବସରେ ମହୋତ୍ସବକୁ କରାଯିବାର ନିଷ୍ପତ୍ତି ନିଆଯାଇଛି। ଓଡ଼ିଶା ସାହିତ୍ୟ, ସଂସ୍କୃତିକୁ ଲକ୍ଷ୍ୟ ରଖି ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରମାନଙ୍କୁ ସୁଯୋଗ ଦିଆଯିବାର ସୁଯୋଗ ସୃଷ୍ଟି କରିଥିବା ଖବରଦାତା ସମ୍ମିଳନୀରେ ଦେ ପ୍ରକାଶ କରିଥିଲେ। ଖବରଦାତା ସମ୍ମିଳନୀରେ ମହୋତ୍ସବ କମିଟିର ସାଧାରଣ ସମ୍ପାଦକ ଅମୀୟ ରଞ୍ଜନ ମହାନ୍ତି, କୋଷାଧକ୍ଷ ଗଣେଶ ରାଉତ ଉପସ୍ଥିତ ଥିଲେ।

## କେନ୍ଦୁପତ୍ର ବୋଝେଇ ଟ୍ରକ୍ ଜବତ

**ସଜନାଗଡ଼, ୨୪।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବନବିଭାଗ ରେଞ୍ଜ ଅଧୀନ ୧୬ନଂ. ଜାତୀୟ ରାଜପଥ ଶେରଗଡ଼ ଟୋଲଗେଟ୍ ନିକଟରେ ପୋଲିସ ଏବଂ ବନବିଭାଗ ମିଳିତ ଚଢ଼ାଉ କରି କେନ୍ଦୁପତ୍ର ବୋଝେଇ ଟ୍ରକ୍ (ନଂ. ଓଡ଼ି୧୫ଇ-୭୯୨୯) କୁ ସୋମବାର ରାତିରେ ଜବତ କରିଛନ୍ତି। ପରେ ପୋଲିସ କେନ୍ଦୁପତ୍ର ବୋଝେଇ ଗାଡ଼ିକୁ ନୀଳଗିରି ବନବିଭାଗକୁ ହସ୍ତାନ୍ତର କରିଥିଲା। ଟ୍ରକ୍‌ରେ ୨୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ କେନ୍ଦୁପତ୍ର ୪୦ଗୋଟି ବୁରାରେ ଭର୍ତ୍ତି କରାଯାଇଥିବାବେଳେ ତାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି।

ଏହି ଟ୍ରକ୍ କଲିକତା ଅଭିମୁଖେ ଯାଉଥିବାବେଳେ ଶେରଗଡ଼ ଟୋଲଗେଟ୍ ନିକଟରୁ ବନବିଭାଗ ଓ ପୋଲିସ ବିଶେଷ ସୂତ୍ରରୁ ଖବରପାଇ ଗାଡ଼ିଟିକୁ ଅଟକାଇ ଯାଞ୍ଚ କରି ଜବତ କରିଥିଲେ। ଏହି ଗାଡ଼ିର ଦୁଇଜଣ ଚାଳକ ରେଢ଼ାଖୋଲ ଅଞ୍ଚଳର ସୁରେଶ ମହାକୁଡ ଓ ଚାରୁମାଳ ଥାନା ଅଞ୍ଚଳର ଲିପୁନ ଦୀପଙ୍କୁ ବନବିଭାଗ ଗିରଫ କରିଛି। ନୀଳଗିରି ବନବିଭାଗ ତରଫରୁ ଏକ ମାମଲା (ନଂ. ୨୩/୧୯) ରୁଜୁ କରାଯାଇ ଦୁଇଜଣ ଚାଳକଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି।

# ମହିଳା ମହାସଂଘକୁ ମଣ୍ଡି ଦାୟିତ୍ୱ

**ଆରଡି, ୨୪।୧୨(ଡି.ଏନ.ଏ.)**



ମଣ୍ଡି ଖୋଲିବା ବେଳେ ପୂଜାପାଠ କରାଯାଉଛି।

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ସୁନ୍ଦରପୁର ସେବା ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଖୋଲାଯାଇଛି । ଏହି ମଣ୍ଡିରୁ ଧାନକ୍ରୟ ପାଇଁ ସୁନ୍ଦରପୁର ଓ ଓଳଗ ପଞ୍ଚାୟତର ମହିଳା ମହାସଂଘକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଉଭୟ ପଞ୍ଚାୟତର ଚାଷୀଙ୍କ ପାଇଁ ମଙ୍ଗଳବାର ପୁରୋହିତଙ୍କ ଦ୍ୱାରା ପୂଜାପାଠ କରାଯାଇ ଧାନମଣ୍ଡିରେ ଧାନ କିଣା ଆରମ୍ଭ ହୋଇଥିଲା। ବ୍ଲକ ଖାଦ୍ୟ ଯୋଗାଣ ଅଧିକାରୀ ଉମେଶ ନାୟକ, ଚାନ୍ଦବାଲି ସିଡିପିଓ ପ୍ରତିଭା ଖଣ୍ଡୁଆଳ, ଡିପିସି ରୀତାରାଣୀ ସାହୁ, ଅଙ୍ଗନବାଡି ସୁପରଭାଇଜର ନିର୍ମଳା ସାହୁ, ଓଳେମ ବିଏମସି ଶୁଭେନ୍ଦୁ ଦାସ, ଆରଏମ୍‌ପି ଦେବବ୍ରତ ଦାସ, ସୁନ୍ଦରପୁର ସରପଞ୍ଚ ଶ୍ରୀକାନ୍ତ ନାୟକ, ଓଳଗ ସରପଞ୍ଚ ଅନସୂୟା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ମହିଳା ମହାସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ, ସଂପାଦିକା ଶାନ୍ତିଲତା ଖଟୁଆ, ଏମ୍‌ବିକେ ଗୀତାଞ୍ଜଳି ସେଠୀ ମଣ୍ଡିରେ ଚଳିତ ବର୍ଷ ଟାର୍ଗେଟଠାରୁ ଅଧିକ ଧାନ କ୍ରୟ କରାଯିବ ବୋଲି ଆଶା ବ୍ୟକ୍ତ କରିଥିଲେ। ଏଥିସହିତ ଚାଷୀଙ୍କୁ ପ୍ରାପ୍ୟ ଯଥାଶୀଘ୍ର ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଥିଲା।

# ସ୍ଲିପର କାରଖାନାରେ ଶ୍ରମିକ ଅଶାନ୍ତି





ନୀଳଗିରି ସ୍ଲିପର କାରଖାନା ସମ୍ମୁଖରେ ଶ୍ରମିକ।

**ସଜନାଗଡ଼, ୨୪।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧିନ ଗୋପୀନାଥପୁର ଅଞ୍ଚଳରେ ଥିବା ସ୍ଲିପର କାରଖାନା ଆଜକୁ ୭ବର୍ଷ ଧରି ବନ୍ଦ ପଡ଼ିଛି। ଶ୍ରମିକଙ୍କ ବକେୟା ଦରମା ସାଙ୍ଗକୁ ଦରମା ବୃଦ୍ଧି, ଇପିଏଫ୍ ଟଙ୍କା ହଡ଼ପ ପ୍ରତିବାଦରେ ଶ୍ରମିକମାନେ ଆନ୍ଦୋଳନ ପରେ କାରଖାନା ମାଲିକ ବନ୍ଦ କରିଦେଇଥିଲେ। ସେହିଦିନଠାରୁ କାରଖାନା ବନ୍ଦ ହେବାରୁ ୩୦୦ ପରିବାର ନାହିଁନ ଥିବା ଅସୁବିଧାରେ ଚଳୁଛନ୍ତି। ତେବେ ସେହି ବିବାଦର ସମାଧାନ ନ ହେଉଣୁ ମଙ୍ଗଳବାର ସ୍ଲିପର କାରଖାନା ପରିସରରେ ସ୍ଲିପରଗୁଡ଼ିକୁ ମେଶିନ ସାହାଯ୍ୟରେ ଲୋଡ଼ କରି ଟ୍ରକ୍‌ରେ ନେବା ସମୟରେ ଶ୍ରମିକମାନେ ଏକାଠି ହୋଇ ଫାଟକରେ ତାଲା ପକାଇ ଦେଇଛନ୍ତି। କାରଖାନା ଚଳାଇବାକୁ ଦାବି ହୋଇ ଆସୁଥିବାବେଳେ ବକେୟା ଦରମା ନ ଦେଇ ବେଆଇନ ଭାବେ କିଏ ଆଉ କେଉଁ ସ୍ୱାର୍ଥରେ ସ୍ଲିପର ବାହାରକୁ ଚାଲାଣ କରିଛି ଏହାର ତଦନ୍ତ ଦାବି କରିଛନ୍ତି। ସେପଟେ ଟ୍ରାନ୍ସପୋର୍ଟରୁ ଆସିଥିବା କର୍ମଚାରୀ ମାଲିକଙ୍କ ସହ କଥା ହୋଇ ଏହାକୁ ନିଆଯାଉଥିବା କହିଛନ୍ତି।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ବାରିପଦା ଅଫିସ, ୨୪।୧୨**

ବାରିପଦାସ୍ଥିତ ଡିଭାଇନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିରେ ୯ ଦିନ ବ୍ୟାପୀ ହେବାକୁ ଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି। ଏନେଇ ଏକ ମଶାଲ ଶୋଭାଯାତ୍ରା ସ୍ଥାନୀୟ ଅମ୍ବିକା ମନ୍ଦିରରୁ ବାହାରି ନଗର ପରିକ୍ରମା କରି ଡିଭାଇନ ପରିସରରେ ପହଞ୍ଚିଥିଲା। ଉଦ୍‌ଘାଟନୀ ଉତ୍ସବରେ ବାରିପଦା ଆଞ୍ଚଳିକ ପରିବହନ ଅଫିସର ଗୋପାଳ କୃଷ୍ଣ ଦାସ, ବାରିପଦାସ୍ଥିତ ସରକାରୀ ପଲିଟେକନିକର ଅଧକ୍ଷ ଇଂ. ଚିନ୍ମୟ କୁମାର ମହାପାତ୍ର ଯଥାକ୍ରମେ ମୁଖ୍ୟଅତିଥି ଓ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ କ୍ରୀଡ଼ାର ଆବଶ୍ୟକତା ଏବଂ ଦେଶ ପାଇଁ ଖେଳିବାର ପରାମର୍ଶ ଦେବା ସହ ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳିତ ହୋଇ ଟ୍ରାଫିକ ନିୟମାବଳୀ ମାନି ଯାନବାହନ ଚଳାଇବା ପାଇଁ ପରାମର୍ଶ ଦେଇଥିଲେ। ପ୍ରତିଯୋଗୀମାନେ ଅନୁଷ୍ଠାନିକ ଭାବେ ଶପଥପାଠ କରିଥିଲେ। ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠାନର ନିର୍ଦ୍ଦେଶକ ଇଂ. ବିପ୍ଳବ ଭଞ୍ଜନ ବୁଗୁଡେଇଙ୍କ ନିର୍ଦ୍ଦେଶରେ ସମ୍ପାଦିତ ହୋଇଥିଲା। ଅନୁଷ୍ଠାନର ଡିନ୍ ଡ. ରଣଜିତ କୁମାର ସାହୁ ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ।

# ଏନ୍‌ଏସ୍‌ଏସ୍ ସ୍ୱତନ୍ତ୍ର ଶିବିର

**ବାହାନଗା,୨୪।୧୨(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ବାହାନଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏନ୍‌ଏସ୍‌ଏସ୍(ଜାତୀୟ ସେବା ଯୋଜନା)ର ପୁରୁଷ ବିଭାଗ ତରଫରୁ ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ଅନୁଷ୍ଠିତ ହୋଇଛି। ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ବିଦ୍ୟାଳୟର ଅଧକ୍ଷ ବିନୋଦ କୁମାର ମହାରଣା। ଏହି ଶିବିର ବାହାନଗା ସ୍ଥିତ ଆରୁହା ୟୁଜିୟୁପି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଥିଲା। ଉଦଘାଟନୀ ଉତ୍ସବରେ ଏକ ସାଧାରଣସଭା କରାଯାଇଥିଲା। ଏଥିରେ ସାଭାପତିତ୍ୱ କରିଥିଲେ ବିଭାଗିୟ ପ୍ରୋଗ୍ରାମ ଅଫିସର ମହେଶ୍ୱର ଉପାଧ୍ୟାୟ। ଏଥିରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ନରେନ୍ଦ୍ର ପ୍ରସାଦ ସାହୁ ଯୋଗ ଦେଇ ସ୍ୱଚ୍ଛତା ହିଁ ମାନବ ସମାଜର ଏକ ଅଙ୍ଗ ବୋଲି ଅଭିହିତ କରିଥିଲେ। ତେବେ ଜାତୀୟ ସେବା ଯୋଜନାରେ କାର୍ଯ୍ୟକରୁଥିବା ସମସ୍ତ ସ୍ୱେଚ୍ଛାସେବୀଙ୍କୁ ସେ ଧନ୍ୟବାଦ ଦେବା ସହ ନିଷ୍ଠାର ସହିତ ସ୍ୱଚ୍ଛତା କାମ କରିବା ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ ଆରୁହା ୟୁପିୟୁଜି ବିଦ୍ୟାଳୟର ଇଂରାଜୀ ଶିକ୍ଷକ ବିଦ୍ୟାଧର ଶିଅଳ, ବିଜ୍ଞାନ ଶିକ୍ଷକ କରୁଣାକର ସାହୁ, ୱାର୍ଡ ସଭ୍ୟ ଶ୍ରୀକାନ୍ତ ମହାନ୍ତି, ମଧୁସୁଦନ ରାଉଳ, ରଣଜିତ୍ ଦ୍ୱାରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏହି ଶୀତକାଳୀନ ସେବା ଶିବିରର ସ୍ୱତନ୍ତ୍ର ଶିବିର ବାବଦରେ ବକ୍ତବ୍ୟ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅତିଥି ପରିଚୟ ଓ ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ ପ୍ରୋଗ୍ରାମ ଅଫିସର ମହେଶ୍ୱର ଉପାଧ୍ୟାୟ। ଆରୁହା ଗ୍ରାମରେ ବୃକ୍ଷରୋପଣ ସହ ସ୍ୱଚ୍ଛ ଭାରତ ଅଭିଯାନ ତରଫରୁ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ସେହିପରି ପରିବେଶ ସୁରକ୍ଷା, ବର୍ଜ୍ୟବସ୍ତୁ ପରିଚାଳନା, ନାରୀ ସଶକ୍ତିକରଣ, କନ୍ୟାଭ୍ରୂଣ ହତ୍ୟା ବାବଦରେ ଲୋକଙ୍କୁ ସଚେତନତା କରାଇବା ସହିତ ଗ୍ରାମଗୁଡ଼ିକରେ ବିଭିନ୍ନ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ କରାଯାଇଥିଲା। ଏହି ଅବସରରେ ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ପାଳନ ଆଦି କାର୍ଯ୍ୟକ୍ରମ କରାଯିବା ପାଇଁ ଶିବିର ତରଫରୁ ଲକ୍ଷଧାର୍ଯ୍ୟ କରାଯାଇଛି।





ସ୍ୱଚ୍ଛ ଭାରତ ଅଭିଯାନ ତରଫରୁ ସଫେଇ କରାଯାଉଛି।

